# ଶ୍ୟାମଳ ସୁବର୍ଣ୍ଣ

# Shyamala Subarna



କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା (An Agriculture Related Quarterly Magazine)

ତୃତୀୟ ବର୍ଷ, ତୃତୀୟ ସଂଖ୍ୟା, ଅକ୍ଟୋବର-ଡିସେମ୍ବର-୨୦୨୦







ସମ୍ପାଦକ: ଡି.ଶୁଭମ୍

# ଶ୍ୟାମଳ ସୁବର୍ଣ୍ଣ

# Shyamala Subarna

(କୃଷି ଭି□କ ତ୍ରୈମାସିକ ପତ୍ରିକା)

(An Agriculture Related Quarterly Magazine)

**ଶାରଦୀୟ ବିଶେଷାଙ୍କ- ୨୦୨୦**

**ତୃତୀୟ ବର୍ଷ ॥ ତୃତୀୟ ସଂଖ୍ୟା ॥ ଅକ୍ଟୋବର- ଡିସେମ୍ବର-୨୦୨୦**

: ଉପଦେଷ୍ଟା :

ଭୁବନାନନ୍ଦ ଅଧିକାରୀ
ଗୌରାଙ୍ଗ ଚନ୍ଦ୍ର ଦାସ
ଡ. ଅରବିନ୍ଦ ଦାସ
ସୌମ୍ୟଶ୍ରୀ ପାଣିଗ୍ରାହୀ
ସୁବ୍ରତ କୁମାର ମହାନ୍ତି

: ସମ୍ପାଦନାମଣ୍ଡଳୀ :

ପ୍ରଜ୍ଞା ପରମିତା
ଚିନ୍ମୟ ଜେନା
ବିଜ୍ଞାନ ମିହିର ରାଉତ
ଶୁଭଶ୍ରୀ ସାହୁ
ଜଗଦାନନ୍ଦ ପ୍ରଧାନ

: ମୁଖ୍ୟ ସମ୍ପାଦକ :

ଡି.ଶୁଭମ୍

: ଯୋଗାଯୋଗ :

ବାସୁଦେବପୁର, ଭଦ୍ରକ-୭୫୬୧୨୫

ଭ୍ରାମ୍ୟଭାଷ-୯୪୩୮୪୬୭୦୭୯

Email- dshuvam97@gmail.com

ମୂଲ୍ୟ- ୩୦/- (ତିରିଶି ଟଙ୍କା) ମାତ୍ର

website- www.shyamalasubarna.com

**'ଶ୍ୟାମଳ ସୁବର୍ଣ୍ଣ'**
(କୃଷି ଭି□କ ତ୍ରୈମାସିକ ପତ୍ରିକା)

ମୁଖ୍ୟ ସମ୍ପାଦକ : **ଡି. ଶୁଭମ୍**

ମାର୍ଗଦର୍ଶିକା ଓ ପ୍ରେରଣା: **ଶ୍ରୀମତୀ ମନ୍ଦାକିନୀ ଦାସ**
**ଡି. ସ୍ୱାତୀ**

ସହଯୋଗୀ ସମ୍ପାଦିକା - **ରୂପାଳି ମହାପାତ୍ର**

ଅକ୍ଷର ସଜ୍ଜା: **ମହେଶ ଟେକ୍ନାଲଜି , ଭୁବନେଶ୍ୱର**

ମୁଦ୍ରଣ: **ମହେଶ ଟେକ୍ନୋଲୋଜି , ଭୁବନେଶ୍ୱର**
ଭ୍ରାମ୍ୟଭାଷ:୭୦୦୮୧୮୪୮୬୧

ଇ-ସଂସ୍କରଣ : **ମହେଶ ଟେକ୍ନୋଲଜି**, ଭୁବନେଶ୍ୱର

ପ୍ରକାଶନ ସମୟ:- **ଅକ୍ଟୋବର, ୨୦୨୦**

**ମୂଲ୍ୟ:- ୩୦/-**
**(ତିରିଶି ଟଙ୍କା ମାତ୍ର)**

## ସୂଚନା :

୧. ଏହା ଏକ କୃଷିଭି□କ ତ୍ରୈମାସିକ ପତ୍ରିକା

୨. ପ୍ରତି ତିନିମାସରେ ଯଥା ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ-ଜୁନ୍, ଜୁଲାଇ- ସେପ୍ଟେମ୍ବର, ଅକ୍ଟୋବର- ଡିସେମ୍ବର ର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।

୩. କୃଷି ଭି□କ ଉପାଦେୟ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

୪. ଆବଶ୍ୟକ ଲେଖା ପ୍ରକାଶନ ଉପଯୋଗୀ ହେଲେ ତାହା ନିଶ୍ଚୟ ପତ୍ରିକାରେ ସ୍ଥାନିତ କରାଯିବ । କୃଷି ସମ୍ବନ୍ଧୀୟ ଗବେଷଣାତ୍ମକ ଲେଖାକୁ ଆମେ ଅଧିକ ଗୁରୁତ୍ୱ ଦେଇଥାଉ ।

୫. ଲେଖା ଗୁଡ଼ିକ ନିର୍ଭୁଲ ଭାବରେ ଡି.ଟି.ପି କରି ମେଲ୍/ ଠିକଣାରେ ପଠାଇବା ବାଞ୍ଛନୀୟ । ଲେଖକଙ୍କ ପୂର୍ଣ୍ଣ ଠିକଣା, ଫଟୋ ଓ ଫୋନ୍ ନମ୍ବର ରହିବା ଆବଶ୍ୟକ ।

'ଶ୍ୟାମଳ ସୁବର୍ଣ୍ଣ'ର ଇ-ସଂସ୍କରଣ ଏବେ ଉପଲବ୍ଧ । ଅନଲାଇନ ଜରିଆରେ ଇ-ପତ୍ରିକା ଦେଖିବା ପାଇଁ ଲଗଅନ୍ କରନ୍ତୁ
**www.shyamalasubarna.com**

# SHYAMALA SUBARNA
# A Visionary Approach

Message of Founder



Agriculture is the backbone of Indian culture and economy . The economic development of our country mainly depends on agriculture as around 60% of our population are still involved in agriculture and allied sectors. Also, attaining food security will decrease our dependence on imports and further help to increase exports. So, agriculture and allied sector becomes the focal point for the Government. Agriculture is one of the most noble and selfless job. Farmers are the real son of the soil as they provide us with food which is the optimum necessity for our survival. The empowerment of farmers and improvement of the agriculture sector is an absolute necessity of the prevailing times and the youth of our country should shoulder the responsibility. They have a better understanding of the modern technical know how and energy which can be perfectly implemented in agriculture . The quarterly agriculture magazine **SHYAMALA SUBARNA** has been playing a major role for the development of farming community since 2years. The magazine is published both in print online edition and has reached more than 29000 readers in its website. The Puja issue is going to publish in this month.

I wish a great future and a successful journey of magazine.

**Mr G.C. Das**

# Best Wishes

Message of Advisor



Shuvam and his team doing great work in publishing and releasing very poluplar magazine "Shyamala Subarna" . The magazine is regularly published in oriya language and it is benefitting a lot to farming community specially youth farmers in the state of Odisha.

I wish all the best for release of Puja issue.

**Dr.Sahadeva Singh**
**Chief Policy Advisor, AIASA.**

**Ruben Banerjee**
Editor

**Outlook**
THE FULLY LOADED MAGAZINE



Dear Mr D Shuvam,

It gives me immense pleasure to learn that Shyamala Subarna is seeking to help farmers by providing them with information on latest innovations and advancements in agriculture.

That the magazine is a students' initiative makes it all the more novel and praise-worthy.

I wish you and your colleagues the very best.

Thanking you

Ruben Banerjee

Outlook group

OUTLOOK | OUTLOOK MONEY | OUTLOOK BUSINESS | OUTLOOK TRAVELLER | OUTLOOK HINDI | OUTLOOK TRAVELLER GETAWAYS | OUTLOOK SPLURGE

**Outlook Publishing (India) Pvt. Ltd.**
AB-10, Safdarjung Enclave
New Delhi 110 029
Phones: 011 26162435 Fax: 26191420
ruben@outlookindia.com
www.outlookindia.com

# ଭୁବନାନନ୍ଦ ଅଧିକାରୀ

କୀଟତ□୍ୱ ବିଭାଗ, ଓ.ୟୁ.ଏ.ଟି., ଭୁବନେଶ୍ୱର
(ଆଜୀବନ ସଭ୍ୟ, ଉତ୍କଳ ସାହିତ୍ୟ ସମାଜ)




## ହୃଦୟରୁ କିଛି କଥା....

ପରିବ୍ୟାପ୍ତ ଶ୍ୟାମଳ ସର୍ଜନାରେ ଶାଶ୍ୱତ ସୁବର୍ଣ୍ଣ ତତ୍ତ୍ୱର ସନ୍ଧାନର ପ୍ରୟାସର ପଥଚାରୀ ଶ୍ୟାମଳ ସୁବର୍ଣ୍ଣ ' ବାସ୍ତବିକ ଯୁବ ଉଦ୍ଦାମତ୍ତାର ଏକ ସର୍ଜନଶୀଳ ପରିପ୍ରକାଶ । ଓଡ଼ିଶାର କୃଷକ ସମାଜ ଓ କୃଷି ବିଜ୍ଞାନ ମଧ୍ୟରେ ଏକ ସୁଗମ୍ୟ ପଥ, ଯାହା ପାଇଁ କୃଷକ ସମାଜ ଉପକୃତ । ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଶ୍ୟାମଳ ସୁବର୍ଣ୍ଣ ତା' ଉନ୍ନତି ପଥରେ ଏକ ମଗ୍ନ ସାଧକ ପରି ନିରବଚ୍ଛିନ୍ନ ଭାବେ ଅଗ୍ରସର । ଶାରଦୀୟ ପାର୍ବଣ ଉପଲକ୍ଷେ ମା' ଜଗତଜନନୀ ଦଶଭୂଜାଙ୍କ ଚରଣ କମଳରେ ଶ୍ୟାମଳ ସୁବର୍ଣ୍ଣର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହ ଓଡ଼ିଶାର ସବୁ ଚାଷୀ ଭାଇ ଓ ଭଉଣୀ ମାନଙ୍କ ସାମଗ୍ରିକ ଶ୍ରୀବୃଦ୍ଧି କାମନା କରୁଛି । .

# ପାଠକୀୟ ମତ



'ଶ୍ୟାମଳ ସୁବର୍ଣ୍ଣ ନିରନ୍ତର ଭାବେ ତାର ପ୍ରକାଶନ ଜାରି ରଖିଛି । କରୋନା ସମୟରେ ବି ଅନଲାଇନ ମାଧ୍ୟମରେ ପତ୍ରିକା ପ୍ରକାଶନ କରି ପାଠକଙ୍କ ନିକଟରେ ପହଁଚିପାରିଛି । ଯୁବ ଛାତ୍ରମାନଙ୍କର ଏପରି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଏଥରର ପୂଜା ସଂଖ୍ୟା ପାଇଁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

**ଦେବୀପ୍ରସାଦ ପତି ,**
**୪୨ମୌଜା , କଟକ**



ଓଡ଼ିଶାର ଏକ ଅଗ୍ରଣୀ କୃଷି ପତ୍ରିକା ଭାବେ ଶ୍ୟାମଳ ସୁବର୍ଣ୍ଣ ପୂଜା ସଂଖ୍ୟା ପ୍ରକାଶ କରିବାକୁ ଯାଉଛି । ମୁଁ ପତ୍ରିକାର ସବୁ ସଂଖ୍ୟା ପଢ଼େ । ପତ୍ରିକାର ସମସ୍ୟା ଓ ସମାଧାନ ପୃଷ୍ଠା ବିଶେଷ କରି ଚାଷୀଙ୍କ ପାଇଁ ଉପଯୋଗୀ । ମୁଁ ବି ନିଜ ସମସ୍ୟାର ସମାଧାନ ପାଇପାରିଛି । ଆଶା କରିବି ଏହା ଚାଷୀଙ୍କ ହିତରେ ସମର୍ପିତ ହୋଇ ରହିଥାଉ ।

**ପ୍ରମୋଦ କୁମାର ପାଢ଼ୀ**
**ବାସୁଦେବପୁର**



ଆମ ଗାଁରେ ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ଦିନିକିଆ କୃଷକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଏହା ମାଧ୍ୟମରେ ଆମେ ଛତୁ ଚାଷ ବିଷୟରେ ପ୍ରଶିକ୍ଷଣ ପାଇଥିଲୁ । ଆଉ ଆଜି ଆମେ ଗାଁରେ ଛତୁ ଚାଷ କରୁଛୁ । ସବୁ ସଂଖ୍ୟାକୁ ଆମେ ଗାଁରେ ମଗାଇ ପଢୁ । ମୋର ଅନୁରୋଧ କିପରି ଏହା ଆମ ଆଖ ପାଖ ଗାଁରେ ଚାଷୀଙ୍କୁ ମିଳିପାରିବ , ସେ ଦିଗରେ ଚିନ୍ତା କରିବା ଆବଶ୍ୟକ । ପରବର୍ତ୍ତୀ ପୂଜା ସଂଖ୍ୟା ପାଇଁ ଶୁଭେଚ୍ଛା ।

**ସୁଜନ କୁମାର ମୁଦୁଲି ,**
**ଉତ୍ତାରଣ**



କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିକଳ୍ପିତ ଏ ପତ୍ରିକା ସଂସ୍ପର୍ଶରେ ମୁଁ ୨୦୧୯ରେ ଆସିଥିଲି । କୃଷି ଆମ ରାଜ୍ୟର ମୁଖ୍ୟ ଅଂଶ ଅଟେ । ଓଡ଼ିଶାର ଚାଷୀକୁଳ ପାଇଁ ଅଣ୍ଟା ଭିଡ଼ିଥିବା ଏ ଯୁବଛାତ୍ର ମାନଙ୍କୁ ମୋର ଶୁଭେଚ୍ଛା । ଶ୍ୟାମଳ ସୁବର୍ଣ୍ଣ ପତ୍ରିକା ମାଧ୍ୟମରେ ଗାଁ ଗାଁରେ ଚାଷୀ ମାନେ ନିଜ କ୍ଷେତରେ ଲାଗୁଥିବା ରୋଗ ପୋକର ସହଜ ସମାଧାନ ପାଇପାରୁଛନ୍ତି । ଆଗାମୀ ଦିନରେ ଏହା ଅଧିକ ଚାଷୀଙ୍କ ପାଖରେ ପହଁଚୁ । ଏହାର ଯାତ୍ରା ସୁଗମ ହେଉ ।

**ଇଂ ପ୍ରକାଶ ଚନ୍ଦ୍ର ସେଠୀ ,**
**, ଯୁବ ସମାଜସେବୀ , କଟକସଦର**

# ଆପଣଙ୍କ ସମସ୍ୟା , ଆମ ସମାଧାନ

*କୃଷି ଓ କୃଷକର ସମସ୍ୟାର ସମାଧାନ ପାଇଁ ଶ୍ୟାମଳ ସୁବର୍ଣ୍ଣର ସୃଷ୍ଟି। ପ୍ରତିସଂଖ୍ୟାରେ ଓଡ଼ିଶାର ବିଭିନ୍ନ ଗାଁ ମାନଙ୍କରୁ ଚାଷୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଆମକୁ ଜଣାଇଥାନ୍ତି। ଆମେ ଯଥାସମ୍ଭବ ଚେଷ୍ଟା କରିଛୁ ସେସବୁର ସଠିକ ସମାଧାନ ପାଇଁ। କାରଣ ଚାଷୀର ହିତେ , ଦେଶର ହିତ। ଶ୍ୟାମଳ ସୁବର୍ଣ୍ଣ ଚାଷୀ ମାନଙ୍କ ପାଇଁ ସମର୍ପିତ। ପତ୍ରିକା ପ୍ରକାଶନ ଠାରୁ ଆମେ ସଦାସର୍ବଦା ଚାଷୀମାନଙ୍କର ସମସ୍ୟା ଉପରେ ଜାଣିବାକୁ ଚେଷ୍ଟା କରିଛୁ। ତେଣୁ ଆମର ଏହି ବିଶେଷ ପୃଷ୍ଠାରେ ଏଥରର କେତେକ ସମସ୍ୟା ଓ ସମାଧାନ ସହ। ଆଶା କରଛୁ , ଏମିତି ନିରପେକ୍ଷ ଭାବରେ କୃଷକମାନଙ୍କର ସେବା କରିଚାଲୁଥିବ ଶ୍ୟାମଳ ସୁବର୍ଣ୍ଣ....*

***ପ୍ରଃ*** *ସୋରିଷ ଗଛରେ ପତ୍ର ଗୁଡ଼ିକର ତଳ ଭାଗରେ ଧୂସର ରଙ୍ଗର ହୋଇଯାଉଛି। ଏହାର ପ୍ରତିକାର କିପରି କରାଯିବ ? (ତ୍ରିଲୋଚନ ରାଉତ , ବାଲେଶ୍ୱର)*

**ଉଃ** ସୋରିଷ ଗଛରେ ଏହା ଏକ ପ୍ରମୁଖ ରୋଗ। ଏହି ରୋଗ ହେଲେ ପତ୍ରର ତଳଭାଗରେ ଧୂସର ବର୍ଣ୍ଣର ଚ଼ିହ୍ନମାନ ଦେଖାଯାଏ ଏବଂ ସେହି ଚ଼ିହ୍ନ ଗୁଡିକର ଠିକ୍ ବିପରୀତ ଭାଗରେ ଅର୍ଥାତ ପତ୍ରର ଉପରଭାଗରେ ଧଳା ରଙ୍ଗର ଦାଗ ଦେଖିବାକୁ ମିଳେ ଓ ପରେ ପତ୍ର ଶୁଖିଯାଏ। ଏହି ଦାଗ ଗଛ ର କାଣ୍ଡରେ ମଧ୍ୟ ଦେଖାଯାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୧ କି.ଗ୍ରା. କପର ଅକ୍ସିକ୍ଲୋରାଇଡ କିମ୍ବା ୧ କି.ଗ୍ରା. ଥିରାମ୍ ଫସଲରେ ପକାଇବା ଉଚ଼ିତ।

***ପ୍ରଃ*** *ବର୍ତ୍ତମାନ ମୋ ଧାନ ଫସଲରେ ମାଟିଆଗୁଣ୍ଡି ପୋକ ଲାଗୁଛି। ଏଥିପାଇଁ କଣ କୀଟନାଶକ ପ୍ରୟୋଗ କରିବାକୁ ପଡ଼ିବ ? (ପ୍ରମୋଦିନୀ ନାୟକ , ଅନନ୍ତପୁର)*

**ଉ:** ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ। ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା ସହ ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରନ୍ତୁ।

**ପ୍ର: ଧାନ ଗଛରେ ନଳୀ ପୋକ କ'ଣ ? ଏହା ଫସଲକୁ ଆକ୍ରାନ୍ତ କଲେ ଆମେ କିପରି ଜାଣିବା ? (ଦେବୀପ୍ରସାଦ ପତି , କଟକ)**

**ଉ:** ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଡ଼ିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁଡ଼ିକ ପାଣିରେ ସହଜରେ ଭାସି ପାରେ। ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

***ପ୍ର: ପଙ୍ଗପାଳ ଓ ଝିଣ୍ଟିକା ମଧ୍ୟରେ ପାର୍ଥକ୍ୟ କ'ଣ ? ( ପ୍ରମିଳା ସାହୁ , ମାରଡ଼ା )***

**ଉ:** ପଙ୍ଗପାଳ ଦେଖିବାକୁ ବଡ଼। ଏହା ନିଜ ସଂଖ୍ୟା ଅନୁସାରେ ନିଜ ବ୍ୟବହାର ପରିବର୍ତ୍ତନ କରେ। ଏହା ଉଭୟ ନିସଙ୍ଗ ଓ ଦଳରେ ରହିପାରେ। କିନ୍ତୁ ଝିଣ୍ଟିକା ଦେଖିବାକୁ ଛୋଟ। ଏହା ସମ୍ପୂର୍ଣ୍ଣ ଜୀବନଚକ୍ରରେ ଗୋଟିଏ ରଙ୍ଗରେ ଥାଏ। ଏହା କେବଳ ନିସଙ୍ଗ ରହିପାରେ।

***ପ୍ର: ମୁଁ ଧାନ ପରେ ମୁଗ ଫସଲ ବୁଣିବାକୁ ଚାହୁଁଛି। କେଉଁ କିସମ ବ୍ୟବହାର କଲେ ଅଧିକ ଅମଳ ହୋଇପାରିବ ?(ସୁଜନ ମୁଦୁଲି , କଟକ)***

**ଉ:** ଧାନ ଚାଷ ପରେପରେ ମୁଗକୁ ଚାଷୀ ମାନେ ଜମିରେ ବୁଣିଥାନ୍ତି। ଏହା ଏକ ପ୍ରମୁଖ ଡ଼ାଲି ଜାତୀୟ ଫସଲ। ବିଶେଷ କରି ଖରିଫ ଋତୁରେ ପୁସା ୧୦୫ , ପିଡ଼ିଏମ୍ ୫୪ , ଏମଜିଜି ୩୪୮ ଓ ରବି ଋତୁରେ ଏଲଜିଜି୪୬୦,ଏଲଜିଜି୪୦୭,ଟିଏମ୍-୯୬-୨ ଓ ଗ୍ରୀଷ୍ମ ଋତୁରେ ପୁସା ବୈଶାଖୀକୁ ଚାଷକ କରାଯାଇଥାଏ।



ନୂତନ କୃଷି ବିଲର ଲକ୍ଷ୍ୟ କୃଷକ ମାନେ କିପରି ମଧ୍ୟସ୍ଥି ଯେପରି ଏପିମସି ମଣ୍ଡିକୁ ଅତିକ୍ରମ କରି ସିଧାସଳଖ ନିଜ ଉତ୍ପାଦଗ୍ରାହକଙ୍କୁ ବିକ୍ରୟ କରିପାରିବେଏବଂ ଘରୋଇ କମ୍ପାନୀ ଗୁଡ଼ିକ ସହ ସିଧାସଳଖ କାରବାର କରିପାରିବେ। ଯଦିଓ ଏହା ଏକ ପ୍ରକାର ସଂସ୍କାର ପରି ମନେ ହୁଏ, କିନ୍ତୁ ଭାରତରେ ଅଶୀ ଭାଗ କୃଷକ କ୍ଷୁଦ୍ର ଚାଷୀ ଅଟନ୍ତି। କର୍ପୋରେଟ ସହ ବୁଝାମଣା କରିବା ପାଇଁ ସେମାନଙ୍କରୁ ଆବଶ୍ୟକ ଜ୍ଞାନ ଏବଂ ବୁଝାମଣା ଶକ୍ତି ନାହିଁ। ତେଣୁ ସରକାରଙ୍କୁ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେପରି କ୍ଷୁଦ୍ର କୃଷକ ମାନଙ୍କୁ ଏହି ବିଲ ପାଇଁ କ୍ଷତି ଓ ଶୋଷଣର ଶିକାର ହେବାକୁ ନପଡ଼େ।

•ପ୍ରଜ୍ଞାନନ୍ଦନ ଗିରି ,ବାରିପଦା



ଫସଲ ଅମଳ ପରେ ମଣ୍ଡିରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଚାଷୀ ମାନଙ୍କ ସପକ୍ଷରେ ଲାଗୁ ହୋଇଥିବା ନୂଆ କୃଷି ବିଲ୍ ଆମ ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ଗୋଟିଏ ଦେଶ , ଗୋଟିଏ ବଜାର ଫର୍ମୁଲା ଯୋଗୁଁ ଚାଷୀ ମାନେ ଏବେ ସ୍ୱାଧୀନ ଭାବେ ମଣ୍ଡିକୁ ନଯାଇ ନିଜ ଅମଳକୁ ସାରା ଦେଶରେ ଉଚିତ୍ ଦରରେ ବିକ୍ରୟ କରିପାରିବେ। ଏହି ବିଲ୍ କୃଷି ସାମଗ୍ରୀ ଦର ଏବଂ ପରିବହନ ଖର୍ଚ୍ଚକୁ ମଧ୍ୟ କମ କରିବ। ଏହା ଫଳରେ ଚାଷୀ ମାନେ ଲାଭବାନ ହୋଇପାରିବେ। ତେଣୁ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ,ଲାଭବାନ ବନାଇ ସେମାନଙ୍କର ବିକାଶକୁ ଆଖିଦୃଷ୍ଟିରେ ରଖି ଲାଗୁ ହୋଇଥିବା ଏ କୃଷି ବିଲ୍ ବହୁତ ଉପଯୋଗୀ।

• ରୁଦ୍ରପ୍ରତାପ ସୁବୁଦ୍ଧି , ରାୟଗଡ଼ା

# ମତାମତ ସ୍ତମ୍ଭ

## କୃଷି ବିଲ୍ ଚାଷୀଙ୍କ ପାଇଁ କେତେ ଉପଯୋଗୀ ?

କୃଷି ଓ କୃଷକର ବିକାଶ ସବୁବେଳେ ସରକାରଙ୍କ ଫୋକସ୍‌ରେ ରହିଥାଏ। କୃଷି ସାମାଜିକ ଜନଜୀବନର ପ୍ରମୁଖ ସାରଥୀ ଭାବେ ବିବେଚନା କରାଯାଏ। ଚାଷ ନଥିଲେ ସମାଜରେ ଦଣ୍ଡେ ଜୀଇଁବା ସ୍ୱପ୍ନ ପାଲଟିଯିବ। ଖାଦ୍ୟ ବିନା ମଣିଷ ବଂଚିବାର ରାହା ବି ପାଇପାରେନାହିଁ। ସେଥିପାଇଁ କୃଷିକୁ ଏକ କର୍ମସିକ୍ତ କାର୍ଯ୍ୟ ଭାବେ ଅଭିହିତ କରାଯାଏ। ବିଗତ କିଛି ମାସ ହେବ କରୋନାର ମହାମାରୀରେ ଦେଶ ଏକପ୍ରକାର ତାଲାବନ୍ଦ ଅବସ୍ଥା ଦେଇ ଗତି କରୁଥିଲା। ଯେଉଁସମୟରେ ଆମେ ସମସ୍ତେ ଏ ମହାମାରୀକୁ ଡ଼ରି ଘରେ ବସିଥିଲେ , ଚାଷୀ କିନ୍ତୁ ନିଜ କର୍ମ ପଥରୁ ବିଚ୍ୟୁତ ହୋଇନଥିଲା। ସେ ଚାଷ କରିଛି। ଆଉ ସେଥିପାଇଁ କୃଷି କ୍ଷେତ୍ରରେ କିଛିଟି ଅଭିବୃଦ୍ଧି ଘଟିଛି। ହେବେ ଏଇ କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିଲା କୃଷି ବିଲ୍। କୃଷି ଓ କୃଷକଙ୍କ ବିକାଶକୁ ଅଭିମୁଖ୍ୟ କରି ଆନୀତ ଏହି ବିଲ୍ କେତେଦୂର ଚାଷୀଙ୍କ ପାଖରେ ପହଁଚିପାରୁଛି, ଚାଷୀ କେତେଦୂର ଏହାର ଲାଭାର୍ଥୀ ହୋଇପାରୁଛି , ସେକଥା ଖୋଦ୍ ଚାଷୀ ହିଁ ମତବ୍ୟକ୍ତ କରିପାରିବ। ଏହି ପରିପ୍ରେକ୍ଷୀରେ ଆମେ ଜନମତ ନେବାକୁ ଚେଷ୍ଟା କରିଥିଲୁ। ତେବେ ଏଥର ସଂଖ୍ୟାର ମତାମତ ସ୍ତମ୍ଭରେ କୃଷିବିଲ୍‌କୁନେଇ ଆମର ଏ ସ୍ୱତନ୍ତ୍ର ଉପସ୍ଥାପନା।



ସରକାରୀ ସ୍ତରରେ ପ୍ରସ୍ତାବିତ ଏ କୃଷି ବିଲ ସ୍ୱାଗତଯୋଗ୍ୟ ଅଟେ। କିନ୍ତୁ ଚାଷୀଙ୍କ ପାଖରେ ସରକାର କେତେ ଦୂର ଏହାର ପ୍ରକୃତ ଅର୍ଥକୁ ବୁଝାଇବାକୁ ସମର୍ଥ ସେଇଟା ମୁଖ୍ୟ ବିଷୟ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ନହେଉ। ବରଂ ଚାଷୀଙ୍କ ହିତରେ କାର୍ଯ୍ୟ କରୁ।

- ଅଜୟ ଦାସ , କୃଷି ଛାତ୍ର , ଉତ୍ତରବଙ୍ଗ କୃଷି ବିଶ୍ୱବିଦ୍ୟାଳୟ , ପଶ୍ଚିମବଙ୍ଗ



କୃଷି ବିଲ୍ ସବୁବର୍ଷ ପରି ଏ ବର୍ଷ ମଧ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି। ବିରୋଧୀ ଦଳ ବିରୋଧାଭାଷ ପ୍ରତିକ୍ରିୟା ଆଣିଛନ୍ତି। ଆମ ରାଜ୍ୟରେ କୃଷି ପାଇଁ ପରିବେଶ ଅନୁକୂଳ ହୋଇପାରୁନି । ତେଣୁ ବର୍ତ୍ତମାନ କୃଷକ ମାନଙ୍କୁ ଏକାଠି ହେବାର ସମୟ ଆସିଛି। କୃଷି ବିଲ୍ ଗଠନ ସହ ଖାଦ୍ୟ ଶସ୍ୟର ଉପଯୁକ୍ତ ବିନିମୟ ହୋଇପାରିଲେ ଭଲ ହୁଅନ୍ତା। ସରକାର ମଧ୍ୟ କୃଷକ ମାନଙ୍କୁ ଆହୁରି ସଚେତନ କରାଇବାର ଆବଶ୍ୟକତା ରହିଛି।

ଇଂ ସେବକ ଶ୍ରୀକାନ୍ତ, କଟକ

# ହାତ ପାହାନ୍ତାରେ ପ୍ରାକୃତିକ ପାଚନ - ପୁଦିନା

## ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ

*ସାମାଜିକ ଜୀବନର ବ୍ୟସ୍ତତା ଭିତରେ ଏବେ ଟିକିଏ ଖାଲି ସମୟ ପାଇବା ସତରେ କଷ୍ଟ । ବ୍ୟସ୍ତ ବହୁଳ ଜୀବନ ଭିତରେ ନିଜକୁ ଦୁର୍ବିସହ ଲାଗିବା ସ୍ୱାଭାବିକ । ସମୟ ଆସି ଏପରି ସ୍ଥଳରେ ଉପନୀତ ଆଜି କୌଣସି ବ୍ୟକ୍ତି ବି ଚାଷ ଜମିକୁ ଯାଇ ଫସଲ ଲଗାଇବାକୁ ମନ ବଳେଇବାର ପ୍ରଶ୍ନ ଉଠୁଇନି । କାଦୁଅ ବିଲରେ ଗୋଡ଼ ପଶେଇବାକୁ କିଏ ବା ଚାହିଁବ ! ! ସମ୍ପ୍ରତି ପାକଶାଳା ବଗିଚା , ରୁଫଟପ୍ ଗାର୍ଡ଼େନିଂ ପରି ନୂତନପ୍ରଣାଳୀ ସହରାଂଚଳ ମାନଙ୍କରେ ବେଶ ଲୋକପ୍ରିୟ ହେବା ସହ ଏହାକୁ ଆପଣେଇବାକୁ ସଭିଏଁ ବ୍ୟଗ୍ର ହୋଇଛନ୍ତି । ନିଜ କର୍ମମୟ ସମୟ ଭିତରୁ ମନକୁ ହାଲୁକା କରିବା ପାଇଁ ସମସ୍ତେ କିଛି ନୂତନ ପନ୍ଥା ଖୋଜୁଛନ୍ତି । ସେମିତି ଏକ ପ୍ରକୃଷ୍ଟ ଉପାୟ ପୁଦିନା ଚାଷ । ଘର ଭିତରେ ପାତ୍ର ମଧ୍ୟରେ ପୁଦିନା ଲଗାଇବା ସହ ଏହାର ବାସ୍ନା ମନକୁ ଆମୋଦ ପ୍ରଦାନ କରିଥାଏ । ଦେଖିବାକୁ ଭଲ ଲାଗିବା ସହ ଏକ ଅଫୁରନ୍ତ ଆନନ୍ଦ ସହ ମନ ବି ପ୍ରଫୁଲ୍ଲ ରହିଥାଏ । ପୁଦିନା ଯେ ଆମ ପାଇଁ କେତେ ଉପକାରୀ ଏହାକୁ ଅସ୍ୱୀକାର କରାଯାଇନପାରେ । ଏହି ପରୀପ୍ରେକ୍ଷୀରେ ଏବେ ପୁଦିନା ଏବେ ଆମ ହାତପାହାନ୍ତାରେ । ପ୍ରାକୃତିକ ପାଚନ ଭାବେ ଏହାର ନାଁ ବି ଘରେ ଘରେ ପରିଚିତ । ଖୁବ ସହଜରେ ଏହାକୁ ଏବେ ମହିଳା ମାନେ ନିଜ ଘରେ ପ୍ରସ୍ତୁତ କରୁଛନ୍ତି ।*

### କଣ ପାଇଁ ପୁଦିନା –

ଏହା ଆମ ଶରୀର ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଗ୍ରହଣ କଲେ ଶରୀରରେ କୌଣସି କ୍ଷତିକାରକ ପ୍ରଭାବ ପଡ଼ିନଥାଏ । ଦେହର ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ । ପାଚନ ପ୍ରକ୍ରିୟାରେ ଏହା ସାହାଯ୍ୟ କରିଥାଏ । ଏମିତିକି ମାଛ , ଚିକେନ ତରକାରୀରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରେ । ସାଲାଡ଼ରେ ଏହାକୁ ବ୍ୟବହାର କରାଯାଇପାରେ । ଏହା ବ୍ୟତୀତ ପିଇବା ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀରେ ଏହାକୁ ପ୍ରୟୋଗ କରାଯାଇପାରେ । ପୁଦିନା କକଟେଲ୍ ତ ଏବେ ଯୁବବର୍ଗଙ୍କର ପ୍ରଥମ ପସନ୍ଦ ।



### ପୁଦିନାର ସବିଶେଷ ଚାଷ ପ୍ରଣାଳୀ ସଂକ୍ଷେପରେ

#### ମୃତ୍ତିକା ଓ ଜଳବାୟୁ –

ଯେକୌଣସି ଚାଷ କରିବାକୁ ହେଲେ ପ୍ରଥମେ ଏହାର ମୃତ୍ତିକା ଓ ଜଳବାୟୁ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ । ତେବେ ପୁଦିନା ଚାଷ ନିମନ୍ତେ ମାଟିର ପିଏଚ୍ ୬ରୁ ୭ ଭିତରେ ଥିବା ଆବଶ୍ୟକ । ଯେଉଁ ଅଂଚଳରେ ୧୦୦-୧୫୦ସେମି ବର୍ଷା ହେଉଥିବ , ତାହା ପୁଦିନା ଚାଷ

ନିମନ୍ତେ ପ୍ରକୃଷ୍ଟ ହୋଇଥାଏ। ଏତଦଭିନ୍ନ ପୁଦିନା ଚାଷ ହେଉଥିବା ମୃତ୍ତିକାର ଜଳଧାରଣ କ୍ଷମତା ଅଧିକ ଥିବା ସହ ଡ୍ରେନେଜ ଠିକ ଭାବରେ ହେଉଥିବା ଦରକାର।

**ବଂଶବିସ୍ତାର ମାଧ୍ୟମ -** ପୁଦିନା ସାଧାରଣତଃ କଟିଙ୍ଗ ଦ୍ୱାରା ବଂଶବିସ୍ତାର କରିଥାଏ।

ଲଗେଇବା ପ୍ରଣାଳୀ – ପୁଦିନା ଚାଷ କରିବା ପାଇଁ ଜୁନ ରୁ ଜୁଲାଇ ମାସ ଭିତରେ ଲଗାଇବା ଆବଶ୍ୟକ। ଏଥି ନିମନ୍ତେ ଗଛକୁ ଗଛ ୪୦ସେମି ଓ ଧାଡ଼ିକୁ ଧାଡ଼ି ୪୦ସେମି ଦୂରତା ରହିବା ଆବଶ୍ୟକ।

**ସାର ପ୍ରୟୋଗ –** ୟୁରିଆ , ଫସଫରସ ଓ ପଟାସ କୁ ୫୦କିଗ୍ରା , ୭୫କିଗ୍ରା ଓ ୫୦କିଗ୍ରା ହେକ୍ଟର ପିଛା ପ୍ରୟୋଗ କରିବା ଆବଶ୍ୟକ।

ଜଳସେଚନ ଓ ଘାସ ନିୟନ୍ତ୍ରଣ – ଜଳସେଚନ ସପ୍ତାହରେ ଦୁଇଥର କରିବା ଦରକାର। ଏହା ସହ ଘାସ ନିୟନ୍ତ୍ରଣ ନିମନ୍ତେ ଲଗାଇବାର ୭୫ଦିନ ଭିତରେ କରିବା ଆବଶ୍ୟକ।

## କେଉଁ କେଉଁ ଉପାୟରେ ପୁଦିନା ଚାଷ କରିହେବ :

ପ୍ରଥମତଃ ଯେକୌଣସି ଏକ ସୁସ୍ଥ ପୁଦିନା ଗଛର କଟିଙ୍ଗ :

ପୁଦିନା ସାଧାରଣତଃ ମଂଜିରୁ ବଢ଼ିବା କଷ୍ଟ। ତେଣୁ ଯେକୌଣସି ଏକ ସୁସ୍ଥ ପୁଦିନା ଗଛରୁ ୪ଇଂଚ ବା ୧୦ସେମିର ଏକ କଟିଙ୍ଗ ଚିହ୍ନଟ କରିବା ଆବଶ୍ୟକ। ଏହା ପରେ ଏହି କଟିଙ୍ଗ୍‌କୁ ଏକ ପାଣି ଗ୍ଲାସ ଭିତରେ ରଖାଯାଉ। ଯଦି କୌଣସି ପତ୍ର ପାଣି ଧାର ତଳେ ଥାଏ , ତାହେଲେ ଏହାକୁ କାଢ଼ିଦେବା। ଗୋଟିଏ ସପ୍ତାହ ଭିତରେ ଛୋଟ ଛୋଟ ଧଳା ଆକୃତିର ଚେର ପାଣି ଭିତରେ ବାହାରିବା ଆରମ୍ଭ କରିବ। ଆଉ କିଛି ଦିନ ଅପେକ୍ଷା କଲେ ଆମେ ସୁସ୍ଥ ଓ ସବଳ ଚେର ବଢୁଥିବାର ଲକ୍ଷ୍ୟ କରିପାରିବା। ଦ୍ୱିତୀୟତଃ ପୁଦିନା ଗଛର ମଂଜି ବା ଚାରା ଆମେ ଯେକୌଣସି ନର୍ସରୀରୁ ପାଇପାରିବା। ବିଭିନ୍ନ ପ୍ରକାର ପୁଦିନା କିସମ ବଜାରରେ ଉପଲବ୍ଧ। ଏହାକୁ ବ୍ୟବହାର କରି ମଧ୍ୟ ଆମେ ପୁଦିନାକୁ ଚାଷ କରିପାରିବା।

ତୃତୀୟରେ ଯେକୌଣସି ସୁସ୍ଥ ଗଛର ରନର୍ ସଂଗ୍ରହ – ଏହା ମାଧ୍ୟମରେ ଆମେ କୌଣସି ଏକ ସବଳ ବା ସୁସ୍ଥ ଚେରକୁ ଆଣି ମାଟିରେ ଅନ୍ୟତ୍ର ଲଗାଇ ଏହାର ବଂଶବିସ୍ତାର କରିପାରିବା।

## କେଉଁ ଦିଗରେ ଧ୍ୟାନ ଦେବା :

ଲଗାଇବା ପାଇଁ ପ୍ରକୃଷ୍ଟ ସମୟ : ପ୍ରଥମତଃ ପୁଦିନା ଚାଷ ବସନ୍ତ ଋତୁରେ ଚାଷ କଲେ ଭଲ ଅମଳ ହୋଇଥାଏ। କୁହୁଡ଼ି ପଡୁନଥିବା ସ୍ଥାନରେ ଏହାକୁ ଲଗାଇବା ଭଲ।

ଚାରାକୁ ପାତ୍ରରେ ଲଗାଇବା- ପାତ୍ରରେ ପୁଦିନାକୁ ଲଗାଇବା ଓ ଏହାକୁ ଚାଷ ପାତ୍ର ଭିତରେ ଚାଷ କରିବାର ପ୍ରଣାଳୀ ଏବେ ପ୍ରାୟ ସମସ୍ତେ ଗ୍ରହଣ କଲେଣି। ସବୁଆଡ଼େ ଏବେ ଏହି ପ୍ରଣାଳୀକୁ ମହିଳା ମାନେ ନିଜ ଘରେ ଆପଣାଉଛନ୍ତି। ଏହାକୁ ପାତ୍ରରେ ଲଗାଇ ଆମେ ରୋଷେଇ ଘର ପାଖରେ ବି ଲାଗଇପାରିବା। ଯେହେତୁ ଏହା ଶୀଘ୍ର ବଢ଼ିଥାଏ , ତେଣୁ ଏହାର ଚେର ଉପରେ ଆମକୁ ଅଧିକ ନଜର ରଖିବାକୁ ହେବ। ୧୨-୧୬ ଇଂଚର ପାତ୍ର ବ୍ୟବହାର କଲେ ସୁଫଳ ମିଳିଥାଏ।

ପାତ୍ରର ମାଟିର କିଛି ସେମି ତଳେ ଲଗାଇବା : ୧୨-୧୬ଇଂଚର ପାତ୍ର ବ୍ୟବହାର କରିବା ସହ ଆମେ ଏହାକୁ ୬ଇଂଚ ବା ୧୫ସେମି ତଳେ ଲଗାଇବା ଆବଶ୍ୟକ। ଯାହା ଫଳରେ ଏହାର ଚେର ଶୀଘ୍ର ବଢ଼ିପାରିଥାଏ।

**ଉପଯୁକ୍ତ ସୂର୍ଯ୍ୟାଲୋକ –** ଯଦି ଆମେ ପାତ୍ରରେ ପୁଦିନାକୁ ଚାଷ କରୁଛନ୍ତି , ତେବେ ଏହା କିପରି ଆବଶ୍ୟକୀୟ ସୂର୍ଯ୍ୟାଲୋକ ପାଇପାରିବ , ସେ ଦିଗରେ ଚିନ୍ତା କରିବା ଆବଶ୍ୟକ। ଯଦି ଉପଯୁକ୍ତ ସୂର୍ଯ୍ୟାଲୋକ ନପାଏ , ତାହେଲେ ପୁଦିନା ଗଛ ଶୁଖିଯିବାର ଚିନ୍ତା ଥାଏ। ତେଣୁ ଏହାକୁ ଘରର ଘରକା ପାଖରେ ବି ଆମେ ରଖିପାରିବା , ଫଳରେ ଏହା ଉପଯୁକ୍ତ ସୂର୍ଯ୍ୟାଲୋକ ପାଇପାରେ।

ଯଦି ମାଟିରେ ଲଗାଉଥାନ୍ତି : ଯଦି ପାତ୍ର ବିନା ଆମେ ମାଟିରେ ପୁଦିନା ଚାରା ଲଗାଇବାକୁ ଚାହିଁବା ତାହେଲେ ତେବେ ଆମକୁ ଏମିତି ଏକ ସ୍ଥାନ ଦେଖିବା ଉଚିତ୍ ଯେଉଁଠାରେ ସୂର୍ଯ୍ୟାଲୋକ ପ୍ରକୃଷ୍ଟ ପରିମାଣରେ ମିଳୁଥିବ। ପିଏଚ ୬ରୁ ୭ ଭିତରେ ରହିଥିବା ଆବଶ୍ୟକ। ମାଟିର ଜଳଧାରଣ କ୍ଷମତା ଉପରେ ବି ଗୁରୁତ୍ୱ ଦେବା ଆବଶ୍ୟକ।

**ପୁଦିନାର ଯତ୍ନ –**

ଉପଯୁକ୍ତ ଜଳସେଚନ - ପୁଦିନା ଭଲ ଭାବରେ ବଢ଼ିବା ପାଇଁ ଜଳସେଚନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ପାତ୍ରରେ ପୁଦିନା ବଢ଼ାଉଥିଲେ ଆମେ ଏହାର ମାଟିକୁ ହାତରେ ଛୁଇଁ ଦେଖିବା ଦରକାର , ଏହା କେତେ ଶୁଖିଲା ଅଛି , ସେହି ଅନୁସାରେ ଆମେ ପାଣି ଦେବା ଉଚିତ୍। ଯଦି ପାତ୍ରରେ ଥିବା ପୁଦିନା ଗଛ ସିଧାସଳଖ ପାଉଥିବ , ତାହେଲେ ଅଧିକ ପାଣି ଦେବା ଦରକାର।

ଗଛର ଉପର ଭାଗକୁ କାଟିବା – ଏହା କରିବା ଦ୍ୱାରା ପୁଦିନା ଉପଯୁକ୍ତ ଉଚ୍ଚତା ବଜାୟ ରଖିଥାଏ। ଏହା ଦ୍ୱାରା ପୁଦିନା ଗଛର ଫୁଲ ଭଲ ଭାବରେ ବଢ଼ିଥାଏ। ଏହା ମଧ୍ୟ ଅମଳ ଅଧିକ କରିଥାଏ।

ପୁଦିନାର ଫୁଲକୁ ଟ୍ରିମ/କାଟିବା ଆବଶ୍ୟକ – ପୁଦିନା ଗଛର ଫୁଲ ଜୁନରୁ ସେପ୍ଟେମ୍ବର ମଧ୍ୟରେ ବଢ଼ିଥାଏ। ତେଣୁ ଫୁଲ ଫୁଟିବା ପୂର୍ବରୁ ଏହାକୁ ଟ୍ରିମ କରିବା ଆବଶ୍ୟକ। ଯାହା ଫଳରେ ଏହା ଆମର ଅମଳ ସମୟକୁ ବଢ଼ାଇଥାଏ।

**ରୋଗ ପୋକ ନିରୀକ୍ଷଣ -** ପୁଦିନା ଗଛ କିପରି ରୋଗ ପୋକ ଦାଉରୁ ରକ୍ଷା ପାଇପାରିବ , ସେ ଦିଗରେ ଚିନ୍ତା କରିବା ଆବଶ୍ୟକ। ସାଧାରଣତଃ ଏହା ଘାଉଁଳା ରୋଗ ଦ୍ୱାରା ବେଶୀ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ। ଏହା ବ୍ୟତୀତ ବିଭିନ୍ନ କୀଟ ଯଥା – ଚେର କୃମି , ମାଇଟ୍ସ ପ୍ରମୁଖ ଅଧିକ ଆକ୍ରମଣ କରିଥାନ୍ତି। ତେଣୁ ପୁଦିନା ଗଛକୁ କିପରି ଏଥିରୁ ରକ୍ଷା କରିହେବ , ସେଥିନିମନ୍ତେ ଆମକୁ ସବୁବେଳେ ଏହା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହା ବ୍ୟତୀତ ଆମେ ପୁଦିନା ପତ୍ରକୁ କୀଟନାଶକ ପାଣିରେ ଧୋଇପାରିବା। ତେଣୁ ଉପଯୁକ୍ତ ନିରୀକ୍ଷଣ ହିଁ ଏହାର ଏକମାତ୍ର ବିକଳ୍ପ।

**ଅମଳର ପ୍ରକୃଷ୍ଟ ସମୟ –**

ସଜ ପୁଦିନା ପତ୍ରକୁ ଅମଳ କରିବା ଆବଶ୍ୟକ- ପ୍ରଥମତଃ ଏହା ସ୍ମରଣ ରଖିବାକୁ ହେବ ଯେ ଗୋଟିଏ ଥରରେ କେବେ ହେଲେ ପତ୍ରର ୧/୩ଭାଗକୁ ସମ୍ପୂର୍ଣ୍ଣ ଅମଳ କରିବା ଉଚିତ୍ ନୁହେଁ। କେବଳ ଯେତିକି ଦରକାର ସେତିକି ପତ୍ର ଅମଳ କରିବା ଉଚିତ୍। ଏହା ପରେ ଏହାକୁ ପ୍ଲାଷ୍ଟିକ ଜାର ଭିତରେ ସୁରକ୍ଷିତ ଭାବେ ରଖିବା ଉଚିତ୍।

ଶୀତ ଋତୁ ପୂର୍ବରୁ ଅମଳ - ପୁଦିନାକୁ କୁହୁଡ଼ି ପଡ଼ିବା ପୂର୍ବରୁ ଅଥବା ଶୀତ ଋତୁ ପୂର୍ବରୁ ଅମଳ କରିଦେବା ଭଲ। କାରଣ ଯଦିଓ ଏହା ପରେ ଅର୍ଥାତ ବସନ୍ତ ଋତୁରେ ପୁଣି ଏହା ଅଧିକ ବଢ଼ିଥାଏ , ତଥାପି କିଛି ଅଂଶ ମରିଯାଏ।

# ଏଥର ସଂଖ୍ୟାରେ....


| କ୍ର.ନଂ | ସୃଷ୍ଟି | ସ୍ରଷ୍ଟା |
|---|---|---|
| ୧. | ସମ୍ପାଦକୀୟ.... | ଡି.ଶୁଭମ୍ |
| ୨. | କୃଷି ବିଲ୍ - ନୂତନ କୃଷି ବିପ୍ଳବର ସମ୍ଭାବନା | ରିତେଶ ପୃଷ୍ଟେଠ |
| ୩. | ଚିଙ୍ଗୁଡ଼ି ଚାଷ ପ୍ରଣାଳୀରେ ଖାଦ୍ୟ ପରିଚାଳନା ଏବଂ ସଂରକ୍ଷଣ | ସଚିନ୍ ପଣ୍ଡିତ |
| ୪. | ପାକଶାଳା ଉଦ୍ୟାନ | ସୁବ୍ରତ କୁମାର ସେନାପତି |
| ୫. | ଜୈବିକ କୃଷି - ସୁସ୍ଥ ପରିବେଶ ଗଠନକୁ ଏକ ପାହାଚ | ବିଜ୍ଞାନ ରଂଜନ ସାହୁ |
| ୬. | କୃଷି ବିଜ୍ଞାନ ଓ ଭୂ ବିଜ୍ଞାନ | ଶ୍ରବଣ କୁମାର କର |
| ୭. | ବାୟବୀୟ ଧାନଚାଷ | ଶୁଭଙ୍କର ପୁରୋହିତ |
| ୮. | ଯୁବପିଢ଼ୀ ଓ କୃଷି | ମଧୁସ୍ମିତା ସେନାପତି |
| ୧୦. | ବକରା ପୋକ - କପା ଫସଲର ପ୍ରମୁଖ ଶତ୍ରୁ | ଭୁବନାନନ୍ଦ ଅଧିକାରୀ |
| ୧୧. | ପନିପରିବା ଫସଲରେ ଅଷ୍ଟପଦୀ କୀଟ ପରିଚାଳନା | ରୁଦ୍ରପ୍ରତାପ ସୁବୁଦ୍ଧି |
| ୧୨. | ସାକ୍ଷାତକାର (ସଫଳ କୃଷି ଉଦ୍ୟୋଗୀ) | |
| ୧୩. | ଜୀବିକା ଓ ସମ୍ଭାବନାର ସୋରଡ଼ା ଜଳଭଣ୍ଡାର | ଶ୍ରୀ ପ୍ରିୟରଂଜନ ସାହୁ |
| ୧୪. | ସାକ୍ଷାତକାର | |
| ୧୫. | ସ୍ୱାବଲମ୍ବୀ ହେବାର ମାଧ୍ୟମ- ଜିଆଖତ | ନୀରଜ କୁ. ଜେନା ଓ ମନୋଜ କୁ. ଜେନା |
| 16. | An Agricultural Paradox | Pragnya Paramita |
| 17. | DIFFERENT TYPES OF FERTILIZERS USED IN INDIA FOR FARMING | Dr. Rahul Adhikary |
| 18. | Benefits Of Snake Gourd | Shyamala Subarna Buro |
| 19. | Fish farmer : Our Food warriors | Biswajit Mohanty |
| 20. | Farm Bill - A ray of Hope | Richa Mishra |

# ସମ୍ପାଦକୀୟ



ପରିବର୍ତ୍ତନ ହିଁ ପ୍ରକୃତିର ନିୟମ । ପ୍ରକୃତିର ଇଙ୍ଗିତରେ ଆମେ ପରିଚାଳିତ । ଏଇ ସବୁଜ କ୍ଷେତରେ ସୁବର୍ଣ୍ଣର ଝଲକ ହଉ କି ସୋରିଷ ଫୁଲର ଭୁରୁଭୁରୁ ବାସ୍ନା – ଏସବୁ ପ୍ରକୃତିର ଅଂଶ । ସେ ପ୍ରକୃତି କେବେ ଧରା ପୃଷ୍ଠରେ ଶାନ୍ତିର ନିନାଦିତ ସ୍ୱର ଉଚ୍ଚାରଣ କରେ ତ ଆଉ କେବେ ମଣିଷର ମନ ଭିତରେ ଭୟ ଓ ଆଶଙ୍କାର ଡ଼ୋରି ବାନ୍ଧିଦିଏ । ଏବର ସମୟରେ ଆମେ ସମସ୍ତେ ସେମିତି ଏକ ମହାମାରୀର ସମୟ ଦେଇ ଗତି କରୁଛେ । ସତର୍କତାର ଚାରିକାନ୍ଥକୁ ନଜରରେ ରଖି ହିଁ କୌଣସି କାର୍ଯ୍ୟ କରିବାକୁ ଚିନ୍ତା କରୁଛେ । କରୋନାର କାୟାରେ କବଳିତ ଏବେ ସାରା ଦେଶ । ଏହାରି ଭିତରେ ଯଦି ଚାଷୀର କଥାକୁ ବିଚାର କରାଯାଏ , ତେବେ ସମସ୍ତେ ଉଣା ଅଧିକେ ଏହା ବୁଝିପାରୁଥିବେ ଯେ କରୋନା ପରି ସମୟରେ ବି ଚାଷୀ ଘରେ ହାତ ବାନ୍ଧି ବସିନି । କାରଣ ସେ ଯଦି ବସିଯିବ ଆମେ ଖାଦ୍ୟ ଖାଇବା ସ୍ୱପ୍ନ ପାଲଟିଯିବ । କିଛି ମାସ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆତ୍ମନିର୍ଭର ଭାରତରେ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜର ବ୍ୟବସ୍ଥା ଥିବା ସମୟରେ ଏବେ ସଂସଦରେ ପାରିତ ହୋଇଛି କୃଷି ବିଲ୍ । ତେବେ ଏହା ଚାଷୀମାନଙ୍କ ହିତରେ କାମ କରୁ । ଚାଷୀଟିଏ ଏହାର ସୁଫଳ ପାଉ । କୃଷକର ବିକାଶ ହେଉ ।

ଚାଷୀ ଓ ଚାଷ ଆମ ଜନଜୀବନର ଏକ ପ୍ରମୁଖ ଅଂଶ । ଏ ଚାଷୀ ହିଁ ସମାଜ ଗଠନର ମଙ୍ଗୁଆଳ ସାଜେ । ଯଦି ଆଜି ସବୁଜ କ୍ଷେତରେ ପାଚିଲା କେଣ୍ଡା ପବନର ବାସ୍ନାରେ ହସୁଥାଏ , ତାହେଲେ ତାହା କେବେଳ ଚାଷୀର ସେଇ ଝାଳବୁହା ପରିଶ୍ରମ ପାଇଁ । ସେଥିପାଇଁ ବର୍ତ୍ତମାନ ସମୟରେ କୃଷି କ୍ଷେତ୍ରର ଜିଡ଼ିପି ହିଁ ଅଭିବୃଦ୍ଧି ହୋଇଛି । କରୋନା ସମୟରେ ବି ଚାଷୀ ଚାଷ କରିଛି । କାରଣ ତା' ପାଇଁ ବାବୁ , ହାକିମ ସବୁ ଚାଷ । ବିଗତ ଦୁଇବର୍ଷରୁ ଉର୍ଦ୍ଧ୍ୱ ଧରି ଆମେ ପାରୁ ପର୍ଯ୍ୟନ୍ତ ଚାଷୀଙ୍କ ସମସ୍ୟାକୁ ସମାଧାନ କରାଇବାକୁ ଚେଷ୍ଟା କରିଛୁ । ବୟସ ଆଉ ଅଭିଜ୍ଞତାରେ ଆମେ ଖୁବ୍ ସାନ କିନ୍ତୁ ବାସ୍ ମନ ଭିତରେ ଦୃଢ଼ ସଂକଳ୍ପ କୃଷିର ବିକାଶ , କୃଷକର ବିକାଶକୁ ସାଥ କରି ଆଗେଇଚାଲିଛୁ । ମୋ ବାପା ମା , ଭଉଣୀ , ଗୁରୁଜନ , ସହଯୋଗୀ ତଥା ଚାଷୀଭାଇ ମାନଙ୍କର ସ୍ନେହାଶୀର୍ବାଦ ହିଁ ଆମ ପାଇଁ ସବୁକିଛି ।

ଶ୍ୟାମଳ ସୁବର୍ଣ୍ଣ ସବୁବେଳେ ନିରନ୍ତର ପ୍ରକାଶନ ଉପରେ ଗୁରୁତ୍ୱ ଦେଇ ଆସିଛି । କରୋନା ସମୟରେ ବି ଆମେ ଅନଲାଇନରେ ପତ୍ରିକା ପ୍ରକାଶନ କରି ପାଠକଙ୍କ ପାଖରେ ପହଁଚିଥିଲୁ । ଅନଲାଇନ ମାଧ୍ୟମରେ ୱେବିନାର ଆୟୋଜନ କରି ଚାଷୀ ମାନଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରିଥିଲୁ । ଏଥର ପୂଜା ସଂଖ୍ୟା ବି ଅନେକ ଉପାଦେୟ କୃଷି ଭି□ ତଥ୍ୟାବଳୀରେ ସମୃଦ୍ଧ । ଆଶା କରୁଛି , ଏ ସଂଖ୍ୟା ବି ପାଠକ ମାନଙ୍କ ପାଖରେ ଆଦୃତ ହେଉ , ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଡି. ଶୁଭମ୍

**ମୁଖ୍ୟ ସମ୍ପାଦକ**

**'ଶ୍ୟାମଳ ସୁବର୍ଣ୍ଣ'**

# କୃଷି ବିଲ୍
# ନୂତନ କୃଷି ବିପ୍ଳବର ସମ୍ଭାବନା

"**ଭା**ରତ ଏକ କୃଷି ପ୍ରଧାନ ଦେଶ" ଏହି ବକ୍ତବ୍ୟ ସାଧାରଣତଃ ଭାରତୀୟ ଅର୍ଥ ବ୍ୟବସ୍ଥା ସମ୍ବନ୍ଧୀୟ ଚର୍ଚ୍ଚା ସମୟରେ ଅନେକ ଅର୍ଥଶାସ୍ତ୍ରୀ ବ୍ୟବହାର କରନ୍ତି । ପ୍ରସ୍ତର ଯୁଗରୁ ଭାରତରେ କୃଷି କାର୍ଯ୍ୟର ପରମ୍ପରା ନିରନ୍ତର ବିକଶିତ ହେବା ସହିତ ଭାରତୀୟ ଅର୍ଥବ୍ୟବସ୍ଥାକୁ ଆଧାର ଦେଇ ଆସୁଛି । ଇସ୍ଲାମିକ ଆକ୍ରାନ୍ତାଙ୍କ ଶାସନ ପୂର୍ବରୁ ଭାରତୀୟ ଅର୍ଥବ୍ୟବସ୍ଥା ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା ଥିବା ବେଳେ ଭାରତର ସକଳ ଘରୋଇ ଉତ୍ପାଦ ବିଶ୍ୱର ୩୨.୯ ପ୍ରତିଶତ ଥିଲା । ଯେଉଁଥିରେ କୃଷିକ୍ଷେତ୍ରର ଭୁମିକା ପ୍ରମୁଖ ଥିଲା କାରଣ ସର୍ବାଧିକ ଲୋକେ କୃଷି କ୍ଷେତ୍ର ସହିତ ଜଡିତ ଥିଲେ। ଇସ୍ଲାମିକ ଆକ୍ରାନ୍ତାଙ୍କ ଶାସନରେ ଏହା ୨୪.୪ ପ୍ରତିଶତକୁ ଖସି ଆସିଥିଲା କାରଣ ଅତ୍ୟଧିକ କର ମାଧ୍ୟମରେ କୃଷକଙ୍କୁ ଶୋଷଣ କରାଯାଉଥିଲା । କିନ୍ତୁ ଏହି ସମୟରେ ମଧ୍ୟ କୃଷକ ତା ଉତ୍ପାଦ କାହାକୁ ବିକ୍ରି କରିବ ଏହି ନିର୍ଣ୍ଣୟ ନେବା ପାଇଁ ସେ ସ୍ୱତନ୍ତ୍ର ଥିଲା । ୧୮୫୭ କ୍ରାନ୍ତିର ପରବର୍ତ୍ତୀ ସମୟରେ ଯେତେବେଳେ ଇଂରେଜ ସରକାର ଭାରତର ଶାସନ ବ୍ୟବସ୍ଥା ନିଜ ହାତକୁ ନେଲେ ସେତେବେଳେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଚରମ ସ୍ଥିତିରେ ଥିଲା। ମାଂଚେଷ୍ଟର ପରି ସହରରେ ଅଧିକ ମାତ୍ରାରେ ବସ୍ତ୍ର ଆଧାରିତ ଶିଳ୍ପ ଗଢି ଉଠିଥିଲା । ଏହି ଶିଳ୍ପ ସଂସ୍ଥାକୁ କମମୂଲ୍ୟର କଂଚା ମାଲର ଆବଶ୍ୟକତା ପୂରଣ କରିବା ପାଇଁ ଇଂରେଜ ସରକାର ଭାରତରେ ୧୮୮୬ ରେ ବଜାର ବା ମଣ୍ଡିର ବ୍ୟବସ୍ଥା ଆରମ୍ଭ କରିଥିଲେ । ପ୍ରଥମ ମଣ୍ଡି ହାଇଦ୍ରାବାଦର କରଂଜାରେ ଖୋଲା ଯାଇଥିଲା । ଏହି ବ୍ୟବସ୍ଥାକୁ ନ୍ୟାୟ ସଂଗତ କରିବା ପାଇଁ ୧୮୮୭ରେ ବେରାର କଟନ ଆଣ୍ଡ ଗ୍ରାନ୍ ମାର୍କେଟ ଆକ୍ଟ ପାରି କରାଯାଇଥିଲା । ଏହି ବ୍ୟବସ୍ଥାରେ ବ୍ରିଟିଶ ରେସିଡେନସ୍ଙ୍କ ପାଖରେ କ୍ଷମତା ରହିଲା ସେ କାହାକୁ ଲାଇସେନ୍ସ ଦେବେ, କେଉଁ ସ୍ଥାନକୁ ମଣ୍ଡି ବା ବଜାର ଘୋଷଣା କରିବେ ଓ କାହାକୁ ନେଇ ମଣ୍ଡି ପରିଚାଳନା କମିଟି ଗଠନ କରିବେ । ଯାହା ଦ୍ୱାରା ଇଂରେଜ ବେପାରୀ ଲାଭବାନ ହେଲେ ଓ ଦେଶର ଉତ୍ପାଦିତ ଅଧିକାଂଶ କଂଚାମାଲ ଓ ଶସ୍ୟ ଇଂରେଜ ବେପାରୀ ମଣ୍ଡି ମାଧ୍ୟମରେ କିଣିଲେ । ଭାରତୀୟ ବୁଣାକାର ତଥା ଅନ୍ୟ କୁଟୀର ଶିଳ୍ପ ଓ ଖାଉଟିଙ୍କ ପାଖରେ କଂଚାମାଲ ଓ ଖାଦ୍ୟ ଶସ୍ୟ ପହଂଚି ପାରିଲା ନାହିଁ ଫଳରେ ଭାରଚୀୟ ବସ୍ତ୍ର ଶିଳ୍ପ ପରି ଅନେକ ଶିଳ୍ପ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହେବା ସହିତ ଅନେକ ସ୍ଥାନରେ ପ୍ରଚୁର ଖାଦ୍ୟ ଶସ୍ୟ ଉତ୍ପାଦନ ହେବା ସତ୍ତ୍ୱେ ୧୮୭୬, ୧୮୯୯, ୧୯୪୩-୪୪ ରେ ଭୟଙ୍କର ମରୁଡିରେ ଭାରତୀୟଙ୍କ ଜୀବନ ଗଲା । ୧୯୪୭ ମସିହାରେ ଇଂରେଜ ଭାରତ ଛାଡିବା ସମୟରେ ଭାରତର ଜି.ଡି.ପି. ବିଶ୍ୱର ସକଳ ଘରୋଇ ଉତ୍ପାଦର କେବଳ ୩ ପ୍ରତିଶତ ଥିଲା ।



ସ୍ୱାଧିନତା ପରବର୍ତ୍ତୀ ସମୟରେ କୃଷକମାନେ ସାହୁକାର, ଗୌନ୍ତିଆ, ଜମିଦାରଙ୍କ ପାଖରୁ ଋଣ ନେଇ କୃଷିକାର୍ଯ୍ୟ କରୁଥିଲେ ଓ ଶସ୍ୟ ଉତ୍ପାଦନ ପରେ ବିକ୍ରି କରି ନିଜ ଋଣ ସୁଝୁ ଥିଲେ କିନ୍ତୁ ସୁଧ ହାର ଅଧିକ ଥିବା କାରଣରୁ ଅଧିକାଂଶ କୃଷକ ଋଣ ପରିଶୋଧ ପାଇଁ ଅସମର୍ଥ ହେଉଥିଲେ । ଏହି ସମସ୍ୟା ଯୋଗୁଁ ଗ୍ରାମାଂଚଳରେ ଅଧିକାଂଶ ଚାଷୀଙ୍କ ଜମି ସାହୁକାର ଦଖଲକୁ ଚାଲିଯାଉଥିଲା । ସାହୁକାରଙ୍କଠାରୁ କୃଷକଙ୍କୁ ତଥା ତାଙ୍କ ଜମି ଓ ଶସ୍ୟର ରକ୍ଷାକରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏଗ୍ରିକଲ୍‌ଚରାଲ୍ ପ୍ରଡ୍ୟୁସ ମାର୍କେଟ କମିଟି ଆଇନ ଅଣାଯାଇ କୃଷକଙ୍କ ଶସ୍ୟ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା ତିଆରି କରାଗଲା ଓ ସର୍ବନିମ୍ନ ସହାୟକ ରାଶି ସ୍ଥିର କରି ଚାଷୀଙ୍କୁ ତାଙ୍କ ଶସ୍ୟର ଉଚିତ ମୂଲ୍ୟ ଦେବାର ବ୍ୟବସ୍ଥା କରାଗଲା । ଏହି ଆଇନ ଅନୁସାରେ କୃଷକ ତା ଉତ୍ପାଦିତ ଶସ୍ୟ ମଣ୍ଡିରେ ହିଁ ବିକ୍ରି କରିପାରିବ ଓ ସରକାରଙ୍କ ଅନୁମତି ପ୍ରାପ୍ତ ବ୍ୟବସାୟୀ ହିଁ ମଣ୍ଡିରୁ ଶସ୍ୟ କିଣିପାରିବେ ।

୧୯୯୧ରେ ଭାରତୀୟ ଅର୍ଥବ୍ୟବସ୍ଥାରେ ଉଦାରିକରଣ ହେବାରୁ ଭାରତରେ ଅନେକ ମାତ୍ରାରେ ବିଦେଶୀ ପୁଞ୍ଜିନିବେଶ ବଢିଥିଲା । ବଜାର ଓ ବ୍ୟାପାରର ସ୍ୱରୂପରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥିଲା । ବଜାରରେ ଅନେକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଗଢିଉଠିଥିବାରୁ ଏହି ଶିଳ୍ପ ଗୁଡିକୁ କୃଷକଙ୍କ ଉତ୍ପାଦିତ କଂଚାମାଳର ଅବଶ୍ୟକତା ହେଲା କିନ୍ତୁ ଏଗ୍ରୀକଲ୍‌ଚରାଲ୍ ପ୍ରଡ୍ୟୁସ ମାର୍କେଟ କମିଟି ଆଇନ ଅନୁସାରେ ଶିଳ୍ପଗୁଡିକ ସିଧାସଳଖ ଭାବେ ଚାଷୀଠାରୁ ଶସ୍ୟ କିଣିପାରିଲେ ନାହିଁ। ଯାହା ଦ୍ୱାରା ଯେଉଁ ମୂଲ୍ୟ ଚାଷୀ ପାଇବା କଥା ତାହା ମଧ୍ୟସ୍ଥିଙ୍କୁ ମିଳିଲା । ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ମାତ୍ରାଧିକ ମଧ୍ୟସ୍ଥିଙ୍କ କାରଣରୁ ଖାଦ୍ୟଶସ୍ୟର ଦର ବାସ୍ତବିକ ଦରଠାରୁ ୫୦ ପ୍ରତିଶତରୁ ମଧ୍ୟ ଅଧିକ ହେଲା। ମଣ୍ଡିରେ କିଏ ବ୍ୟବସାୟୀ ବା ଟ୍ରେଡର ହେବ ସରକାରଙ୍କ ହାତରେ ଥିବା କାରଣରୁ ରାଜନୈତିକ ଅନୁଗ୍ରହିତା ଥିବା ବ୍ୟକ୍ତି ହିଁ ଏହି ସୁବିଧା ପାଇଲେ । ମଣ୍ଡିରେ ଶସ୍ୟର ସୁରକ୍ଷା ବ୍ୟବସ୍ଥା ନ ଥିବା କାରଣରୁ ତଥା ମଣ୍ଡି ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ଥିବା କାରଣରୁ ପ୍ରତ୍ୟେକ ବର୍ଷ ୨୦ ପ୍ରତିଶତ ଶସ୍ୟ ନଷ୍ଟ ହେଉଥିଲା । ଏ.ପି.ଏମ୍.ସି. ଆଇନରେ ଚାଷୀ ନିଜ ଭୌଗୋଳିକ କ୍ଷେତ୍ରରେ ଥିବା ମଣ୍ଡିରେ ହିଁ ନିଜ ଶସ୍ୟ ବିକ୍ରି କରିବାର ସୁଯୋଗ ପାଇଛି ଏହା ଆଇନ ତିଆରି ହେବା ସମୟର ଅବଶ୍ୟକତା ଥିଲା କିନ୍ତୁ ଏହା ବର୍ତ୍ତମାନ ଚାଷୀଙ୍କ ପାଇଁ ଅଭିଶାପ ସଦୃଶ କାରଣ ଅନ୍ୟ ସ୍ଥାନରେ ଶସ୍ୟର ଦର ଅଧିକ ଥିଲେ ମଧ୍ୟ ସେଠି ସେ ବିକ୍ରି କରିପାରିବ ନାହିଁ । ପଞ୍ଜାବ ଓ ହରିୟାଣାକୁ ଛାଡି ଦେଲେ ଦେଶର ଅନ୍ୟ କ୍ଷେତ୍ରରେ ଚାଷୀଙ୍କ ଆବଶ୍ୟକତା ଆଧାରରେ ମଣ୍ଡି ମଧ୍ୟ ନାହିଁ ।

ଭାରତରେ କେବଳ ୭୦୦୦ ମଣ୍ଡି କାର୍ଯ୍ୟକ୍ଷମ ଯାହା ସମୁଦ୍ରକୁ ଶଙ୍ଖେ । କୃଷକ ତା ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପାଇବ ସେଥିପାଇଁ ଏମ.ଏସ.ପି. ବା ସର୍ବନିମ୍ନ ସହାୟତା ରାଶି ବ୍ୟବସ୍ଥା କରାଯାଇଥିଲା କିନ୍ତୁ ବ୍ୟବସାୟୀଙ୍କ ଗୋଷ୍ଠୀକରଣ ଯୋଗୁଁ ଚାଷୀ ସର୍ବନିମ୍ନ ସହାୟତା ରାଶିରୁ ଅଧିକା ଦରରେ ତା ଶସ୍ୟ ବିକ୍ରି କରି ପାରୁନାହିଁ ତଥା ୨୦୧୫ରେ ଆସିଥିବା ସାନ୍ତା କୁମାର କମିଟି ରିପୋର୍ଟର ତଥ୍ୟ ଅନୁସାରେ ଭାରତରେ କେବଳ ୬ ପ୍ରତିଶତ ଚାଷୀ ହିଁ ଏମ୍.ଏସ.ପି. ଦରରେ ନିଜ ଉତ୍ପାଦିତ ଶସ୍ୟ ବିକ୍ରି କରୁଛନ୍ତି । ଏହି ଏମ୍.ଏସ୍.ପି. ମଧ୍ୟ କେବଳ ୨୨ଟି ଶସ୍ୟ ପାଇଁ ଧାର୍ଯ୍ୟ ହୋଇଛି । ପୁଞ୍ଜି ନିବେଶର ଅଭାବ କାରଣରୁ ଚାଷୀଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି ଓ ଟେକ୍ନୋଲୋଜିର ମଧ୍ୟ ଅନେକ ଅଭାବ ରହିଛି । ଏଣୁ ଭାରତର ୫୮ ପ୍ରତିଶତ ଜନତା କୃଷିକାର୍ଯ୍ୟ ସହିତ ଜଡିତ ଥିଲେ ମଧ୍ୟ ଏହି କ୍ଷେତ୍ର ଭାରତର ସକଳ ଘରୋଇ ଉତ୍ପାଦରେ କେବଳ ୧୬ ପ୍ରତିଶତ ଯୋଗଦାନ ଦେଉଛି । ଏହା ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ।

ଏହି ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ତଥା ଭାରତୀୟ କୃଷକ ଓ କୃଷିକ୍ଷେତ୍ରକୁ ଏକ ନୂତନ ଆୟାମ ଦେବା ପାଇଁ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ତିନୋଟି ବିଲ ଯଥାକ୍ରମେ କୃଷି ଉତ୍ପାଦନ ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ବିଲ-୨୦୨୦, କୃଷକ (ସଶକ୍ତିକରଣ ଓ ସୁରକ୍ଷା) ମୂଲ୍ୟ, ରାଜିନାମା ଓ ସେବା ବିଲ-୨୦୨୦ ଓ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧିତ) ବିଲ -୨୦୨୦ ଉପସ୍ଥାପନ କରାଯାଇଥିଲା ।

ସାମଗ୍ରୀ (ସଂଶୋଧିତ) ବିଲ -୨୦୨୦ ଉପସ୍ଥାପନ କରାଯାଇଥିଲା । ଯାହା ଏବେ ଆଇନରେ ପରିଣତ ହେଲା । ଏହି ତିନୋଟି ଆଇନ ଏଗ୍ରିକଲଚ଼ରାଲ୍ ପ୍ରଡିଉସ ମାର୍କେଟ କମିଟି ଆଇନରେ କୌଣସି ହସ୍ତକ୍ଷେପ କରିବ ନାହିଁ । ଏହା ଦ୍ୱାରା ମଣ୍ଡି ବ୍ୟବସ୍ଥା ଚାଲିବା ସହିତ କୃଷକ ନିଜ ଶସ୍ୟ ବିକ୍ରି ପାଇଁ ଏକ ବିକଳ୍ପ ବ୍ୟବସ୍ଥା ପାଇ ପାରିବେ । କୃଷି ଉତ୍ପାଦନ ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ଆଇନ ଦ୍ୱାରା ଚାଷୀ ନିଜ ଉତ୍ପାଦିତ ଶସ୍ୟକୁ ନିଜ ରାଜ୍ୟ ତଥା ରାଜ୍ୟ ବାହାରେ ମ୍ଭ କୌଣସି ସ୍ଥାନରେ ବିକ୍ରି କରିପାରିବ ତଥା କୌଣସି ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ବା ସିଧା ସଳଖ ଗ୍ରାହକକୁ ମଧ୍ୟ ବିନା ମଧ୍ୟସ୍ଥିରେ ନିଜ ଉତ୍ପାଦିତ ଶସ୍ୟ ବିକ୍ରିକରିପାରିବ । ଏହା ଚାଷୀଙ୍କୁ ତାଙ୍କ ଶସ୍ୟର ଉଚିତ ମୂଲ୍ୟ ପାଇବାରେ ସହାୟକ ହେବ । ଏହି ଆଇନ ଇନ୍‌ଟରନେଟରେ ମଧ୍ୟ ନିଜ ଉତ୍ପାଦିତ ଶସ୍ୟ ବିକ୍ରିର ଅଧିକାର କୃଷକକୁ ଦେଇଛି । ଏହି ଆଇନ ଦ୍ୱାରା ମଣ୍ଡିରେ ଏକ ଚାଟିୟା ରାଜନୈତିକ ଛତ୍ରବାଦ ସମାପ୍ତ ହେବ ଓ ଚାଷୀ ଯେଉଁ ସମୟ ମଣ୍ଡିରେ ଖର୍ଚ୍ଚ କରୁଥିଲା ତଥା ମଣ୍ଡିର ଜଟିଳ ପ୍ରକ୍ରିୟା ପାଇଁ ଯେଉଁ ୨୦ ପ୍ରତିଶତ ଶସ୍ୟ ନଷ୍ଟ ହେଉଥିଲା, ତାହା ମଧ୍ୟ ସୁରକ୍ଷିତ ରହିବ । କୃଷକ (ସଶକ୍ତିକରଣ ଓ ସୁରକ୍ଷା) ମୂଲ୍ୟ, ରାଜିନାମା ଓ ସେବା ଆଇନ ଦ୍ୱାରା ଚାଷୀ ବିଭିନ୍ନ ବହୁ ରାଷ୍ଟ୍ରୀୟ କମ୍ପାନୀ, ବ୍ୟବସାୟୀଙ୍କ ସହିତ ଉତ୍ପାଦନ ଆଗରୁ ଚୁକ୍ତିବଦ୍ଧ ହୋଇ ପାରିବେ । ଏହା କୃଷି କ୍ଷେତ୍ରରେ ନିବେଶ ବଢେଇବ ଓ କୃଷକଙ୍କ ପାଖରେ ଉନ୍ନତ ବିହନ, ସାର, ଯନ୍ତ୍ରପାତି ଓ ଟେକ୍ନୋଲୋଜି ପହଂଚାଇବାରେ ସହାୟକ ହେବ । ବିହନ ବୁଣିବା ଆଗରୁ ଚୁକ୍ତିନାମା ପାଇଁ କୃଷକଙ୍କୁ ଅଧିକାର ଥିବାରୁ ଅତ୍ୟଧିକ ଉତ୍ପାଦନ ଓ ଯୋଗାଣ ଦ୍ୱାରା ହେଉଥିବା କ୍ଷତିରୁ ଏହା କୃଷକଙ୍କୁ ରକ୍ଷା କରିବ । ଏହା କୃଷକଙ୍କ ଜମି ଅଧିକାର ଉପରେ କୌଣସି ହସ୍ତେକ୍ଷପ କରିବ ନାହିଁ । ଭାରତରେ ବିଗତ ଦିନରେ କୃଷି ଉତ୍ପାଦନ ଅନେକ ଗୁଣରେ ବୃଦ୍ଧି ପାଇଥିବା ହେତୁ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧିତ) ଆଇନ ଦ୍ୱାରା ଚାଷୀ ତା ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ କରିପାରିବ । ଏହି ଆଇନ ଶୀତଳ ଭଣ୍ଡାରରେ କ୍ଷମତା ବୃଦ୍ଧି ତଥା ଗ୍ରାମାଂଚଳରେ ଅନେକ ସ୍ଥାନରେ ନୂତନ ଶୀତଳଭଣ୍ଡାର ପ୍ରତିଷ୍ଠାରେ ସାହାଯ୍ୟ କରିବ । ଯାହା ଖାଦ୍ୟ ସଶୟର ସଂରକ୍ଷଣରେ ସହାୟକ ହେବ । ବିହନ, ସାର, ଯନ୍ତ୍ରପାତି ଓ ଟେକ୍ନୋଲୋଜି ପହଂଚାଇବାରେ ସହାୟକ ହେବ । ବିହନ ବୁଣିବା ଆଗରୁ ଚୁକ୍ତିନାମା ପାଇଁ କୃଷକଙ୍କୁ ଅଧିକାର ଥିବାରୁ ଅତ୍ୟଧିକ ଉତ୍ପାଦନ ଓ ଯୋଗାଣ ଦ୍ୱାରା ହେଉଥିବା କ୍ଷତିରୁ ଏହା କୃଷକଙ୍କୁ ରକ୍ଷା



କରିବ । ଏହା କୃଷକଙ୍କ ଜମି ଅଧିକାର ଉପରେ କୌଣସି ହସ୍ତକ୍ଷେପ କରିବ ନାହିଁ । ଭାରତରେ ବିଗତ ଦିନରେ କୃଷି ଉତ୍ପାଦନ ଅନେକ ଗୁଣରେ ବୃଦ୍ଧି ପାଇଥିବା ହେତୁ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧିତ) ଆଇନ ଦ୍ୱାରା ଚାଷୀ ତା ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ କରିପାରିବ । ଏହି ଆଇନ ଶୀତଳ ଭଣ୍ଡାରରେ କ୍ଷମତା ବୃଦ୍ଧି ତଥା ଗ୍ରାମାଂଚ଼ଳରେ ଅନେକ ସ୍ଥାନରେ ନୂତନ ଶୀତଳଭଣ୍ଡାର ପ୍ରତିଷ୍ଠାରେ ସାହାଯ୍ୟ କରିବ । ଯାହା ଖାଦ୍ୟ ସଶୟର ସଂରକ୍ଷଣରେ ସହାୟକ ହେବ। ଭାରତ ସ୍ୱର୍ଣ୍ଣ ପକ୍ଷୀ ବା ସୋନେ କି ଚିଡିଆ ବୋଲେଇବା ପଛରେ ଭାରତୀୟ କୃଷକ ଓ କୃଷି କ୍ଷେତ୍ରର ଭୂମିକା ମୁଖ୍ୟ ଥିଲା କିନ୍ତୁ ଦୁଇ ଶହ ବର୍ଷ ପୂର୍ବଏ ଇଂରେଜଶାସକଙ୍କ ଚ଼କ୍ରାନ୍ତ ଦ୍ୱାରା କୃଷକ ସର୍ବସ୍ୱ ହରେଥିଲା । ଆଜି ମଧ୍ୟ ପ୍ରତି ବର୍ଷ ୧୦,୦୦୦ରୁ ଅଧିକ କୃଷକ ଆତ୍ମହତ୍ୟା କରୁଛନ୍ତି । ଏହି ପରିସ୍ଥିତରୁ କୃଷକଙ୍କୁ ବାହାର କରିବା ପାଇଁ ତଥା କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନେକ କେନ୍ଦ୍ର ସରକାର ବିଭିନ୍ନ ସମୟରେ ସେହି ସମୟର ପରିସ୍ଥିତି ଅନୁରୂପ ଆଇନ ଆଣିଛନ୍ତି।

ବର୍ତ୍ତମାନର କେନ୍ଦ୍ର ସରକାର କୃଷି ସମ୍ପର୍କିତ ଏହି ତିନୋଟି ଆଇନ ଆଣିବା ପୂର୍ବରୁ ବିହାର, ମହାରାଷ୍ଟ୍ର ଓ କର୍ଣ୍ଣାଟକ ମ୍ଭ ନିଜ ରାଜ୍ୟରେ ଅନୁରୂପ ଆଇନ ଆଣିସାରିଛନ୍ତି, ଯାହା ମଣ୍ଡି ବାହାରେ କୃଷକଙ୍କୁ ନିଜ ଉତ୍ପାଦ ବିକ୍ରିର ଅଧିକାର ଦେଇଛି । ଭାରତରେ ସମସ୍ତ ଉତ୍ପାଦକ ନିଜ ଉତ୍ପାଦର ମୂଲ୍ୟ ନିଜେ ସ୍ଥିର କରନ୍ତି କିନ୍ତୁ ଦୁର୍ଭାଗ୍ୟକୁ କୃଷକ ତା ଉତ୍ପାଦିତ ଶସ୍ୟର ମୂଲ୍ୟ ନିଜେ ସ୍ଥିର କରିବାରେ ଅସମର୍ଥ ଥିଲା । ଏହି ତିନୋଟି ଆଇନ କୃଷକଙ୍କୁ ତାଙ୍କ ଉତ୍ପାଦର ମୂଲ୍ୟ ସ୍ଥିର କରିବାର ଅଧିକାର ଦେବ ଓ ଭାରତୀୟ କୃଷିରେ ମ୍ଭସ୍ତି ବା ଦଲାଲ ରାଜ ସମାପ୍ତ ହେବ । ଭାରତୀୟ ଗ୍ରାହକ ମଧ୍ୟ ବସ୍ତାବିକ ମୂଲ୍ୟରେ ଖାଦ୍ୟ ସାମଗ୍ରୀ କିଣି ପାରିବେ । ଏହି ତିନୋଟି ଆଇନ ଦ୍ୱାରା ଭାରତର ୫୮ ପ୍ରତିଶତ ଜନତାଙ୍କୁ ରୋଜଗାର ଦେଉଥିବା କୃଷି କାର୍ଯ୍ୟ ଏକ ଲାଭ ଜନକ ବ୍ୟବସାୟରେ ପରିଣତ ହେବାର ସମ୍ଭାବନା ଉଦ୍‌ରେକ ହୋଇଛି, ଯାହା ଗ୍ରାମାଂଚ଼ଳରେ ଏହା ଏକ ନୂତନ ଅର୍ଥନୈତିକ ବିପ୍ଳବକୁ ତ୍ୱରାନ୍ୱିତ କରିବ ।

ରିତେଶ ପୃଷେ
ମୋ. ୭୯୭୮୫୬୭୭୮୨



# ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ

◆ ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମକାରବେଣ୍ଡଜୀମ ପ୍ରତି କେଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ।

◆ ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ଗ୍ରାମ ମାନକୋଜେବ ପ୍ରତି ଲିଟର ପାଣିରେ ମିଶାଇ ଫସଲର ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ।

◆ ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ।

# ଚିଙ୍ଗୁଡ଼ି ଚାଷ ପ୍ରଣାଳୀରେ ଖାଦ୍ୟ ପରିଚାଳନା ଏବଂ ସଂରକ୍ଷଣ

**ସଫଳ ଏବଂ ଲାଭଜନକ ଚିଙ୍ଗୁଡ଼ି ଚାଷ ପାଇଁ ସଠିକ୍ ଫିଡ୍ ପରିଚାଳନା ଜରୁରୀ। ଯେହେତୁ କେବଳ ଫିଡ୍ ସମୁଦାୟ ଚାଷ ଖର୍ଚ୍ଚର ୫୦-୫୫% ଖର୍ଚ୍ଚ ହୁଏ,ଫିଡ୍ ଉପରେ କଡା ତଦାରଖ ଆବଶ୍ୟକ । ଭଲ ପୋଖରୀର ସ୍ୱଚ୍ଛତା ବଜାୟ ରଖିବା ଏବଂ ଫିଡ୍ ର ଅପଚୟକୁ ହ୍ରାସ କରିବା ଏବଂ ପୋଖରୀ ତଳଭାଗରେ ଜମା ନହେବା ପାଇଁ ଚିଙ୍ଗୁଡ଼ିକୁ ଖାଇବାକୁ ଦେବାବେଳେ ନିମ୍ନଲିଖିତ ପଏଣ୍ଟଗୁଡିକ କଠୋର ଭାବରେ ପାଳନ କରାଯିବା ଉଚ୍ଚିତ।**



- ଚିଙ୍ଗୁଡ଼ି ଚାଷରୋପୋଖରୀ ପାଇଁ ରାସନ ଆକାର ସ୍ଥିର କରିବା ପାଇଁ ଉପଯୁକ୍ତ ଫିଡିଂ ନିର୍ଦ୍ଦେଶାବଳୀ ଅନୁସରଣ କରାଯିବା ଉଚ୍ଚିତ ।
- ଚେକ୍ ଟ୍ରେକୁ ପ୍ରତିଦିନ ନଜର ରଖିବା ଉଚ୍ଚିତ୍ ।
- ଖାଇବାକୁ ସମୟ ଏବଂ ଆବର୍ତ୍ତି ସଠିକ୍ ହେବା ଉଚ୍ଚିତ୍ ।

ଚିଙ୍ଗୁଡ଼ି ଭୋକ ପରିବେଶ ପରିସ୍ଥିତି ଯଥା ଜଳର ଗୁଣବତ୍ତା, ଜଳର ତାପମାତ୍ରା, ଖରାଦିନେ / ଅତ୍ୟଧିକ ଦିନ ଏବଂ ରୋଗ ଏବଂ ମଲ୍ଟିଙ୍ଗ୍ ଭଳି ଶାରୀରିକ ପରିସ୍ଥିତି କାରଣରୁ ଭିନ୍ନ ହେବ । ଫିଡ୍ କଦାପି ଅଧିକ ଦିଆଯିବା ଉଚ୍ଚିତ୍ ନୁହେଁ କାରଣ ଅବିଭକ୍ତ ଫିଡ୍ ଜଳକୁ ପ୍ରଦୂଷିତ କରେ । ଚିଙ୍ଗୁଡ଼ି ରାତିର ଫିଡ୍ ର୍ ହୋଇଥିବାରୁ ସନ୍ଧ୍ୟା ଏବଂ ରାତିରେ ବଡ଼ ମାତ୍ରା ଦିଆଯାଇପାରେ । ନିୟମିତ ପର୍ଯ୍ୟବେକ୍ଷଣ ଏବଂ ଅଭିଜ୍ଞତା ଏକ ଚାଷ ଫାର୍ମରେ ଖାଇବାକୁ ପରିଚାଳନା କରିବାରେ ସାହାଯ୍ୟ କରେ। ସାଧାରଣତ ଅମାବାସ୍ୟା ଏବଂ ପୂର୍ଣ୍ଣିମା ରେ ଚିଙ୍ଗୁଡ଼ିର ମଲ୍ଟିଙ୍ଗ୍ ହୁଏ ଏବଂ ସେମାନେ ଅଳସୁଆ ହୋଇ ଫିଡ୍ ଗ୍ରହଣକୁ ହ୍ରାସ କରନ୍ତି । ଦିଆଯାଉଥିବା ଫିଡ୍ର ପରିମାଣ ସେହି ସମୟ ମଧ୍ୟରେ

ରାତିରେ ବଡ଼ ମାତ୍ରା ଦିଆଯାଇପାରେ । ନିୟମିତ ପର୍ଯ୍ୟବେକ୍ଷଣ ଏବଂ ଅଭିଜ୍ଞତା ଏକ ଚାଷ ଫାର୍ମରେ ଖାଇବାକୁ ପରିଚାଳନା କରିବାରେ ସାହାଯ୍ୟ କରେ। ସାଧାରଣତ ଅମାବାସ୍ୟା ଏବଂ ପୂର୍ଣ୍ଣିମା ରେ ଚିଙ୍ଗୁଡ଼ିର ମଲ୍ଟିଙ୍ଗ୍ ହୁଏ ଏବଂ ସେମାନେ ଅଳସୁଆ ହୋଇ ଫିଡ୍ ଗ୍ରହଣକୁ ହ୍ରାସ କରନ୍ତି। ଦିଆଯାଉଥିବା ଫିଡ୍ର ପରିମାଣ ସେହି ସମୟ ମଧ୍ୟରେ ୩୦-୫୦% ପରିମାଣରେ ହ୍ରାସ କରାଯିବା ଉଚ୍ଚିତ।

ଟ୍ରେ ମନିଟରିଂ ଯାଂଚ କରନ୍ତୁ: ଚେକ୍ ଟ୍ରେରେ ରଖାଯିବାକୁ ଥିବା ଫିଡ୍ ପରିମାଣ ପୋଖରୀର ଆକାର ଉପରେ ନିର୍ଭର କରେ ଏବଂ ଚିଙ୍ଗୁଡ଼ିର ହାରାହାରି ଶରୀରର ଓଜନ ଏବଂ ନିମ୍ନଲିଖିତ ସୂତ୍ର ବ୍ୟବହାର କରି ନିର୍ଣ୍ଣୟ କରାଯାଇପାରେ:

୨ ଘଣ୍ଟା ଖାଇବା ପରେ ଚେକ୍ ଟ୍ରେଗୁଡିକ ପାଳନ କରାଯିବା ଉଚ୍ଚିତ୍ । ଚେକ୍ ଟ୍ରେରେ ଖାଉଥିବା ଫିଡ୍ ପରିମାଣ ଉପରେ ନିର୍ଭର କରି ପରବର୍ତ୍ତୀ ମାତ୍ରା ବୃଦ୍ଧି କିମ୍ବା ହ୍ରାସ କରାଯିବା ଉଚ୍ଚିତ୍ । ପ୍ରବଳ ବର୍ଷା, ଉଚ୍ଚ୍ଚ ତାପମାତ୍ରା, ଅନୁକୂଳ ପୋଖରୀ ତଳ ଏବଂ ଜଳର ଗୁଣବତ୍ତା କାରଣରୁ ମଲ୍ଟିଂ, କମ୍ ଦ୍ରବୀଭୂତ ଅମ୍ଳଜାନ

ଏବଂ ଚ଼ାପଗ୍ରସ୍ତ ଅବସ୍ଥାରେ ବିଶେଷ ଧ୍ୟାନ ଦେବା ଉଚ଼ିତ୍। ଫିଡ୍ ପରିଚ଼ାଳନାର ସଫଳତା କୃଷକଙ୍କ ଅଭିଜ୍ଞତା ଏବଂ ଚ଼ିଙ୍ଗୁଡ଼ିର ଫିଡ୍ ଆଚ଼ରଣ ଉପରେ ପର୍ଯ୍ୟବେକ୍ଷଣ ଉପରେ ନିର୍ଭର କରେ। ଏକ କଠୋର ଫିଡ୍ ପରିଚ଼ାଳନା ଅନୁସରଣ କରି, ୮୦ ଦିନ ପର୍ଯ୍ୟନ୍ତ ବଞ୍ଚିବା ଏବଂ ହାରାହାରି ଓଜନ ୩୦ ଗ୍ରାମ ୧୨୦ ଦିନର ଚ଼ାଷ ଅବଧିରେ ହାସଲ କରାଯାଇପାରିବ।ଫିଡ୍ ପରିଚ଼ାଳନାର ସଫଳତା କୃଷକଙ୍କ ଅଭିଜ୍ଞତା ଏବଂ ଚ଼ିଙ୍ଗୁଡ଼ିର ଫିଡ୍ ଆଚ଼ରଣ ଉପରେ ପର୍ଯ୍ୟବେକ୍ଷଣ ଉପରେ ନିର୍ଭର କରେ । ଏକ କଠୋର ଫିଡ୍ ପରିଚ଼ାଳନା ଅନୁସରଣ କରି, ୮୦ ଦିନ ପର୍ଯ୍ୟନ୍ତ ବଞ୍ଚିବା ଏବଂ ହାରାହାରି ଓଜନ ୩୦ ଗ୍ରାମ ୧୨୦ ଦିନର ଚ଼ାଷ ଅବଧିରେ ହାସଲ କରାଯାଇପାରିବ।

## ଫିଡ୍ ପରିଚ଼ାଳନା ଏବଂ ସଂରକ୍ଷଣ –

ଚ଼ାଷ ଜମିରେ ନିୟନ୍ତ୍ରଣ ଏବଂ ସଂରକ୍ଷଣ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରିବା ଉତ୍ତମ ପରିଚ଼ାଳନା ଅଭ୍ୟାସର ଏକ ଅତ୍ୟାବଶ୍ୟକ ଉପାଦାନ। ଯଦି ଅନୁପଯୁକ୍ତ ଅବସ୍ଥାରେ କିମ୍ବା ଅଧିକ ସମୟ ପାଇଁ ଗଚ଼୍ଛିତ ହୁଏ ତେବେ ଉଚ଼୍ଚ଼ମାନରଫିଡ୍ ସହଜରେ ନଷ୍ଟ ହୋଇପାରେ। ଭୁଲ୍ ଭାବରେ ଗଚ଼୍ଛିତ ଫିଡ୍ ଗୁଡ଼ିକ କେବଳ ମାଛ ପାଇଁ ଅପ୍ରୀତିକର ନୁହେଁ କିମ୍ବା ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ ନୁହେଁ ବରଂ ବିଷାକ୍ତ ଏବଂ ପୁଷ୍ଟିକର ଖାଦ୍ୟ ମଧ୍ୟ ଧାରଣ କରିପାରେ। ଏହା ଅସ୍ୱାଭାବିକ ଆଚ଼ରଣ, ଖରାପ ଖାଇବା ପ୍ରତିକ୍ରିୟା ଏବଂ ବୃଦ୍ଧି ଘଟାଇପାରେ। ତେଣୁ ବିଭିନ୍ନ ଫିଡ୍ ପ୍ରକାର ଯେପରିକି ଓଦା ଫିଡ୍ , ଆର୍ଦ୍ର ଫିଡ୍ ଏବଂ ଶୁଖିଲା ଫିଡ୍ ଉପଯୁକ୍ତ ପରିସ୍ଥିତିରେ ନିୟନ୍ତ୍ରଣ ଏବଂ ସଂରକ୍ଷଣ କରାଯିବା ଆବଶ୍ୟକ।

୩୦-୫୦% ପରିମାଣରେ ହ୍ରାସ କରାଯିବା ଉଚ଼ିତ

## ରୋଗ ପ୍ରତିରୋଧକ ପଦକ୍ଷେପ –

- ସର୍ବଦା ଶୁଖିଲା ପେଲେଟ ଫିଡ୍ ବ୍ୟବହାର କରନ୍ତୁ, ଯେଉଁଥିରେ ଜଳର କମ୍ କାର୍ଯ୍ୟକଳାପ ଏବଂ ଆର୍ଦ୍ରତା ହେତୁ ଜୀବାଣୁ ବଢିପାରିବେ ନାହିଁ।
- ପୁଷ୍ଟିକର ଅଭାବକୁ ଏଡାଇବା ପାଇଁ ଜଡିତ ପ୍ରଜାତିଗୁଡିକ ପାଇଁ ପୁଷ୍ଟିକର ଏକ ସନ୍ତୁଳିତ ଖାଦ୍ୟ ଯୋଗାନ୍ତୁ ।
- ଫିଡ୍ ଗ୍ରହଣ ଉପରେ ନଜର ନକରି ଚ଼ାଷ ପୋଖରୀରେ ଅଧିକ ଫିଡ୍ , ପକାଇବା ଠାରୁ ଦୂରେଇ ରୁହନ୍ତୁ କାରଣ ଅବିଭକ୍ତ ଫିଡ୍ ଜମା ହୋଇ ପୋଖରୀର ମାଟି ଏବଂ ଜଳର ଗୁଣବତ୍ତା ଖରାପ ହେବ।
- ଚ଼ିଙ୍ଗୁଡ଼ି ଦ୍ୱାରା ଉତ୍ତମ ବ୍ୟବହାର ଏବଂ ପୋଖରୀ ତଳ ଭାଗରେ ଅନାବଶ୍ୟକ ଫିଡ୍ କମ୍ ଜମା ହେବା ପାଇଁ ଗୋଟିଏ ଡୋଜ୍ ବଦଳରେ ବିଭାଜିତ ଡୋଜରେ ଫିଡ୍ ପ୍ରଦାନ କରାଯିବା ଉଚ଼ିତ
- ଫିଡ୍ ରେ କୀଟନାଶକ ଏବଂ ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଫିଡ୍ ସଠିକ୍ ଭାବରେ ଗଚ୍ଛିତ ହେବା ଉଚ଼ିତ୍।
- ଉତ୍ତମ ସମ୍ଭାବ୍ୟ ଋଜଜ ସହିତ ପ୍ରମାଣିତ ହୋଇଥିବା ନୂତନ ଗୁଣାତ୍ମକ ଫିଡ୍ ଚ଼ିଙ୍ଗୁଡ଼ିରେ ଫିଡ୍ ଆବର୍ଜନା ଏବଂ ରୋଗକୁ ହ୍ରାସ କରିପାରେ।
- ଖରାପ ଜଳ ସ୍ଥିରତା ସହିତ ଫିଡ୍ ଯାହା ସେମାନଙ୍କର ପୁଷ୍ଟିକର ଶକ୍ତି ହରାଇଛି ଏବଂ ଚ଼ିଙ୍ଗୁଡ଼ି ଦ୍ୱାରା ଖରାପ ଭାବରେ ଗ୍ରହଣ କରାଯାଇଛି।
- ଫିଡ୍ ର ଉପଯୁକ୍ତ କଣିକା ଆକାର ଜୀବନ ଚ଼କ୍ରର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟ ପାଇଁ ଡିଜାଇନ୍ ହେବା ଉଚ଼ିତ୍।
- ଫିଡ୍‌ସନ୍ ଗାଇଡ୍, ଚ଼ିଙ୍ଗୁଡ଼ି ର ପ୍ରତିକ୍ରିୟା ଏବଂ ପରିବେଶ ଅବସ୍ଥା ସହିତ ରେସନ ଆକାର ଏବଂ ଫିଡ୍ କାର୍ଯ୍ୟସୂଚ଼ୀ ନିୟନ୍ତ୍ରିତ ହେବା ଉଚ଼ିତ।
- ଉତ୍ତମ ଫିଡ୍ ଦକ୍ଷତା ହାସଲ କରିବା ଏବଂ ଫିଡ୍ ଅପଚ଼ୟକୁ ହ୍ରାସ କରିବାରେ ବିଚ଼ାରଯୋଗ୍ୟ ଫିଡ୍ ପରିଚ଼ାଳନା ଏକ ଗୁରୁତ୍ୱପୂର୍ଣ୍ଣ କାରଣ।

**ସଚ଼ିନ ପଣ୍ଡିତ**
**ପିଏଚ଼ଡି ସ୍କଲାର୍, (ICAR-SRF)**
**କେରଳ ମତ୍ସ୍ୟ ଓ ମହାସାଗର ବିଶ୍ୱବିଦ୍ୟାଳୟ (KUFOS)**
**କୋଚ଼ି, କେରଳ, ପିନ୍- ୬୮୨୫୦୬**

# ପାକଶାଳା ଉଦ୍ୟାନ

ଆଜି ସାରା ଜଗତରେ ମୃତ୍ୟୁ ତାର ତାଣ୍ଡବଲୀଳା ରଚୁଛି କରୋନା ମହାମାରୀ ରୂପରେ । ଭୂତାଣୁଟିଏ ସମଗ୍ର ବିଶ୍ୱକୁ ଆଜି କରିଛି ଆତଙ୍କିତ । ଜୀବନରେ ସାବଲୀଳତା ହଜି ଯାଇଛି କେଉଁଠି । ଜୀବନ କହିଲେ ଏବେ ଖାଲି ନିଃସଙ୍ଗତା, ସ୍ଥାଣୁତା ଆଉ କିଛି ଭୟ ଓ ଚେନାଏ ଆଶଙ୍କା ।ଏ ଆଶଙ୍କା ଘରୁ ବାହାରକୁ ପାଦ ରଖିବା ବେଳେ,ଏ ଆଶଙ୍କା ଖାଦ୍ୟ ପାଇଁ ବ୍ୟାଗ ଧରି ବଜାରକୁ ଗଲାବେଳେ ପୁଣି ଏ ଆଶଙ୍କାକୁ ଆମେ ସାଥିରେ ନେଇ ଫେରୁଛୁ ବଜାରରୁ ପନି ପରିବା ସହ । ପନିପରିବା ସବୁକୁ ଭଲକରି ଧୋଇ ସାରିବା ପରେ ବି କଣ ଧୋଇ ପୋଛି ଯାଉଛି କି ଆମ ଆଶଙ୍କା, ଆମ ଭୟ ? ଏବେ ହୁଏତ ଉପଯୁକ୍ତ ସମୟ ଆସିଛି ବୁଝିବାର ଓ ଏ ଆଶଙ୍କାକୁ କିଛି ମାତ୍ରାରେ ଦୂରୀଭୂତ କରିବାର ।ସେଥିପାଇଁ ପ୍ରତି ପ୍ରତ୍ୟେକ ପାକଶାଳା ଉଦ୍ୟାନକୁ ଆପଣେଇବା ଉଚିତ ସାମ୍ପ୍ରତିକ ଦୁଃସ୍ଥିତିକୁ ଆଖି ଆଗରେ ରଖି ।ଆପଣାର ଘରର ଛାତ,ଅଲୋଡା ଅଗଣା,ବାଡ଼ି ପଛପଟରେ ବ୍ୟକ୍ତିଗତ ସ୍ତରରେ କିଛି ନା କିଛି ପନିପରିବା ଉତ୍ପାଦନ କରି ନିଜ ପରିବାରକୁ ପୋଷଣ ଯୋଗାଇବା ସହ ପରିବେଶକୁ ସବୁଜ ସୁନ୍ଦର ରଖିବାର ଏକ ନିଆରା ମାଧ୍ୟମ ହେଉଛି ପାକଶାଳା ଉଦ୍ୟାନ ।



ପାକଶାଳା ଉଦ୍ୟାନ ପାଇଁ ପ୍ରଥମେ ଉପଯୁକ୍ତ ସ୍ଥାନ ବା ପୃଷ୍ଠଭୂମି ଚୟନ କରିବା ଆବଶ୍ୟକ ।ଏହି ଚୟନ ପ୍ରକ୍ରିୟା ନିର୍ଭର କରେ କର୍ତ୍ତାର ଇଚ୍ଛା ସହ ତା ପାଖେ ଜାଗାର ଉପଲବ୍ଧି ଉପରେ । ଯଦି କର୍ତ୍ତାଙ୍କ ପାଖେ ପ୍ରଶସ୍ତ ଜାଗା ଅଛି ତେବେ ପାକଶାଳା ଉଦ୍ୟାନ କରିବା ପାଇଁ ତାଙ୍କୁ ବିଶେଷ ଅସୁବିଧା ନାହିଁ ।ଆଉ ଯଦି ବି କର୍ତ୍ତା ଭୁବନେଶ୍ୱର ପରି ଅତ୍ୟାଧୁନିକ ଜନବସତିପୂର୍ଣ୍ଣ ସହରରେ ରହୁଛନ୍ତି ଏବଂ ତାଙ୍କ ପାଖେ ପ୍ରଶସ୍ତ ଜାଗା ନାହିଁ ତଥାପି ଏ ପାକଶାଳା ଉଦ୍ୟାନ ନିମନ୍ତେ ତାଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ । କାହିଁକି ନା ଛାତ ଉପରେ ସେ ସୁନ୍ଦର ଭାବେ ନିଜ ଆବଶ୍ୟକତାକୁ ଲକ୍ଷ୍ୟ କରି ପାକଶାଳା ଉଦ୍ୟାନର ପରିକଳ୍ପନା କରି ତାକୁ ବାସ୍ତବାୟିତ କରିପାରିବେ ନିଜ ଇଚ୍ଛା ଶକ୍ତି ମାଧ୍ୟମରେ ।ତେବେ ପାକଶାଳା ଉଦ୍ୟାନ ପାଇଁ ଚୟନ କରାଯାଇଥିବା ପୃଷ୍ଠଭୂମିର ମୃତ୍ତିକା ଉର୍ବର ହେବା ଆବଶ୍ୟକ ଏବଂ ଜଳ ନିଷ୍କାସନର ସୁବିଧା ପ୍ରତି ବିଶେଷ ଗୁରୁତ୍ୱ ଦେବା ଉଚିତ ।ଉପଯୁକ୍ତ ଜଳସେଚନ ନିମନ୍ତେ ଜମିର ଅବସ୍ଥିତି ପାଣିର ଉତ୍ସ ପାଖେ କରିବା ବିଧେୟ । ପାକଶାଳା ଠୁଁ ଜମିର ଦୂରତା ମଧ୍ୟ ଅଧିକ ରଖିବା ଉଚିତ ନୁହଁ ।କାରଣ ରୋଷେଇଘରେ ବ୍ୟବହୃତ ପାଣି ଓ ଅନ୍ୟାନ୍ୟ ଜୈବିକ ଅବ୍ୟବହୃତ ପଦାର୍ଥ ବା ଆବର୍ଜନା ସବୁକୁ ପାକଶାଳା ଉଦ୍ୟାନରେ ସହଜରେ ବ୍ୟବହାର କରାଯାଇପାରିବ ।ଜମିକୁ ଛୋଟ ଛୋଟ ପଟାଳିରେ ବିଭକ୍ତ କରାଯିବା ଉଚିତ ଓ ଯେମିତି ଜମି କୌଣସି ସମୟରେ ଖାଲି ନରହେ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । କୌଣସି ପଟାଳିରେ ମଧ୍ୟ ପାଣି ଜମା ରଖିବା ଉଦ୍ୟାନରେ ଯାହା ଅନେକ ଗଛର ପରାଗ

ସଙ୍ଗମରେ ମଧ୍ୟ ସାହାଯ୍ୟ କରିବ ।ପାକଶାଳା ଉଦ୍ୟାନରେ ଗଛର ରୋଗପୋକର ପରିଚାଳନା ପାଇଁ ମଧ୍ୟ ରାସାୟାନିକ କୀଟନାଶକର ପ୍ରୟୋଗ ନକରି ବରଂ ଘରେ ପ୍ରସ୍ତୁତ ଜୈବିକ କୀଟନାଶକ ବ୍ୟବହାର କରାଯିବା ବିଧେୟ ।

ସାମ୍ପ୍ରତିକ ସ୍ଥିତିରେ ସୁବିଧାରେ ନିଜ ହାତ ପାହାନ୍ତାରେ ସବୁଜ ତଟକା ପନିପରିବା ପାଇବାର ଏକମାତ୍ର ଉପାୟ ହି ହେଉଛି ପାକଶାଳା ଉଦ୍ୟାନକୁ ଆପଣାଇନେବା। ଯାହା ଅନେକ ଦିଗରୁ ହି ଶୁଭଙ୍କର। ଏହି ପାକଶାଳା ଉଦ୍ୟାନ ଯୋଗୁଁ କିଛି ମାତ୍ରାରେ ପରିବାରର ଅର୍ଥନୈତିକ ସୁଧାର ମଧ୍ୟ ଆସିପାରେ। ଘରର ମହିଳା ମାନେ ମଧ୍ୟ ନିଜର ସମୟକୁ ଏହି ପାକଶାଳା ଉଦ୍ୟାନର ରକ୍ଷଣାବେକ୍ଷଣ ଦିଗରେ ଖର୍ଚ୍ଚ କରି ଆପଣାର ମନୋବଳକୁ ବଢ଼ାଇ ପାରନ୍ତି। ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ କମ ହେଉଥିବାରୁ ପନିପରିବା ଗୁଡିକର ମାନ କ୍ଷୟୀଭୁତ ହୁଏନାହିଁ। ପିଲା ମାନଙ୍କର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟବସ୍ଥାର ବିକାଶକୁ ଆଖି ଆଗରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ବିଦ୍ୟାଳୟ ମାନଂକରେ ଥିବା ଖାଲି ଜାଗାରେ ପାକଶାଳା ଉଦ୍ୟାନ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଅନେକ ପ୍ରଚେଷ୍ଟା କରାଯାଉଛି ।ତେଣୁ ଆଜିର ସମୟରେ ପାକଶାଳା ଉଦ୍ୟାନ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଯୋଜନାକୁ ଆଗେଇ ନେବାର ଅନ୍ୟତମ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ।



**ସୁବ୍ରତ କୁମାର ସେନାପତି**
**କୃଷି ମହାବିଦ୍ୟାଳୟ, ଓୟୁଏଟି,**
**ଭୁବନେଶ୍ୱର**

**ଆପଣ ବି ଜଣାଇପାରିବେ ଆପଣଙ୍କ ସମସ୍ୟା...**

ଚାଷ ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ସମାଧାନ ପାଇଁ ଆମକୁ ଯୋଗାଯୋଗ କରନ୍ତୁ

**ଠିକଣା**

ମାର୍ଫତ : ସମ୍ପାଦକ ଶ୍ୟାମଳ ସୁବର୍ଣ୍ଣ
ଷ୍ଟେଟବ୍ୟାଙ୍କ ପାଖ
ବାସୁଦେବପୁର, ଭଦ୍ରକ



# ଜୈବିକ କୃଷି ସୁସ୍ଥ ପରିବେଶ ଗଠନକୁ ଏକ ପାହାଚ୍

**ଶୀର୍ଷ**କଟି ଶୁଣିବାକୁ ଟିକେ ଅଲଗା ଲାଗୁଛି ତେବେ ଏହି ଚିରନ୍ତନ ସଭ୍ୟତା ଲୋକଲୋଚନକୁ ଆସିବା ନିତା' ଆବଶ୍ୟକ । ଭଗବାନଙ୍କ ସୃଷ୍ଟିରେ ସମସ୍ତେ ସମାନ । ତୃଣଠୁ ଆରମ୍ଭ କରି ବଡ଼ବଡ଼ ଦ୍ରୁମ ଯାଏଁ ସମସ୍ତେ ପରସ୍ପର ନିର୍ଭରଶୀଳ ,ସମସ୍ତଙ୍କ ମିଳିତ ସମନ୍ବୟ ରେ ପ୍ରକୃତି ଗଠିତ ଓ ପରିଚାଳିତ କିନ୍ତୁ ବିଂଶଶତାବ୍ଦୀର ଜ୍ଞାନି ମଣିଷ ଆଜି ନିଜର ସ୍ୱାର୍ଥ ସାଧନ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ, ଯେଉଁ ପ୍ରକୃତି ରାଣୀ ତାର ବକ୍ଷରେ ମଣିଷକୁ ବଞ୍ଚିବାକୁ ଏବଂ ସୁଖରେ ରହିବାକୁ ସବୁକିଛି ଓଜାଡିଦେଇଛି ତାକୁ ମଣିଷ ଆଜି ନିଜ ଗୋଡୋରେ କୁରାଢି ମାରିଲା ପରି ପ୍ରଦୂଷଣ କରିବାରେ ଲାଗିଛି। ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ପ୍ରାକୃତିକ ଜିନିଷର ଦୁରୁପଯୋଗ କରି, ମଣିଷ ସମାଜ ପ୍ରକୃତିକୁ କେବଳ ଦହନ କରିବାରେ ଲାଗିଛି କେବେବି ତାର ଉନ୍ନତି କଥା ଚିନ୍ତା କରିନାହିଁ । ବୋଧହୁଏ ସେଇଥି ଲାଗି ଆଜି ଅଦିନିଆ ବର୍ଷା ଏବଂ ପ୍ରାକୃତିକ ଦୁର୍ବିପାକର ସାମ୍ନା କରିବାକୁ ପଡୁଛି ।

ପରିବେଶ କୃଷିର ଏନ୍ତୁଡ଼ିଶାଳ ,ମୁଦ୍ରାର ଦୁଇ ପାଶ୍ବଭଳି ଉଭୟେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।କୃଷି କାର୍ଯ୍ୟ ସମ୍ପୂର୍ଣ୍ଣ ପରିବେଶ ଏବଂ ପ୍ରକୃତି ଉପରେ ନିର୍ଭଶୀଳ କିନ୍ତୁ ଆଗକାଳ କୃଷି ଏବଂ ନୂତନ କୃଷି ଭିତରେ ରହିଛି ଆକାଶ ପାତାଳ ଫରକ। ଅଜିର କୃଷିଖେତ୍ରରେ ଅତ୍ୟାଧିକ ମାତ୍ରାରେ ରାସାୟନିକ ସାର ଏବଂ କୀଟନାଶକ ପ୍ରୟୋଗ ଦ୍‌ବାରା କେବଳ ମୃତ୍ତିକା ନୁହେଁ ପରିବେଶର ମଧ୍ଧ ବହୁତ ହାନି ହେଉଅଛି । ଚାଷୀ ଭାଇ ମାନଙ୍କର କୀଟନାଶକ ଉପେରେ ସଠିକ୍ ଜ୍ଞାନ କୌଶଳର ଅଭାବ ଏବଂ ଅତି ପରିମାଣରେ କୀଟନାଶକ ପ୍ରୋଯୋଗ ଜୈବ ବିବିଧତାକୁ ବିଗାଡ଼ି ଦେଇଛି । ସମୟ ଆସି ଏମିତି ସ୍ଥିତିରେ ପହଁଚିଲାଣି ଗାଁ ବିଲରେ କଙ୍କଡ଼ା ,ଗେଣ୍ଡା ତ ଦୁରରକଥା କେଞ୍ଚୁଆଟିଏ ଦେଖିବା ବି ବିରଳ ହୋଇଗଲାଣି। କୀଟନାଶକ ପ୍ରୟୋଗ ଯୋଗୁ

ଉପକାରୀ କୀଟଙ୍କ ମୃତ୍ୟୁ ହେବାରୁ ସମୟକ୍ରମେ ଅଧିକରୁ ଅଧିକ ହାନିକାରକ କୀଟ ସଂଖ୍ୟା ବୃଦ୍ଧି ପାଉଛି ଏବଂ ନୂତନ କୀଟନାଶକ ପ୍ରୟୋଗ କରିବାକୁ ପଡୁଛି ।

ରାସାୟନିକ ସାର ଏବଂ କୀଟନାଶକ ଜମିରେ ପ୍ରୟୋଗ ହେବା ଦ୍ୱାରାମୃତ୍ତିକା ତାର ଔଜାଲ୍ୟତା ହରାଇବାକୁ ବସିଲାଣି । ଦିନକୁ ଦିନ ମୃତ୍ତିକା କ୍ଷୟ କରିବା ସଙ୍ଗେସଙ୍ଗେ ଜଳ ପ୍ରବାହିତ ହୋଇ ପାଖ କେନାଲ କିମ୍ୱା ନିକଟସ୍ଥ ଜଳାଶ୍ରୟ ରେ ମିଶି ଜଳଜ ପ୍ରାଣୀ ଏବଂ ଉଦ୍ଭିଦ କୁ ହାନି ପହଞ୍ଚାଇଥାଏ ।ମୁଖ୍ୟତଃ ପାନୀୟ ଜଳରେ ମାତ୍ରାଧିକ ଫ୍ଲୋରାଇଡ, ଆର୍ସେନିକ୍, ଲୌହ ଓ ଲବଣ ଅଂଶ ରହୁଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ବିପଦ ହୋଇଥାଏ । ଆଜିର ଚାଷୀ ଗୋବୋର ଖତ ଅପେକ୍ଷା ରାସାୟନିକ ସାର ଉପେରେ ନିର୍ଭରଶୀଳ । ଚାଷ ଜମିରେ ଯବକ୍ଷାରାନ ସାରର ବହୁଳ ବ୍ୟବହାର ଦ୍ୱାରା ମୃତ୍ତିକାର ଉର୍ବରତା ଧୀରେ ଧୀରେ ହ୍ରାସ ପାଇଥାଏ ଏବଂ ମାଟି ଶକ୍ତ ବା କଠିନ ହୋଇଯାଏ ଫଳରେ ଏହାର ଜଳ ଧାରଣ କ୍ଷମତା ହ୍ରାସ ପାଇବା ସଙ୍ଗେସଙ୍ଗେ ଗଛକୁ ପୋଷଣ ଯୋଗାଇବାର କ୍ଷମତା ହ୍ରାସ ପାଇଥାଏ ଏବଂ ଧୀରେ ଧୀରେ ଅମଳ କମିବାରେ ଲାଗେ । କୃଷି କ୍ଷେତ୍ରରେ ବ୍ୟବହୃତ ହେଉଥିବା ବିଷ ବା କୀଟନାଶକ ସାଧାରଣତଃ ଆମ ପାଟି, ଆଖି ଓ ଚର୍ମ ବାଟେ ଦେହକୁ ପ୍ରବେଶ କରିଥାଏ । ଗବେଷଣାରୁ ୬୦ ପ୍ରତିଶତ ଖାଦ୍ୟରେ ବିଷ ମିଶିଥିବାର ପ୍ରମାଣ ମିଳିଛି । ଏହି ବିଷ ଆମ ଶରୀର ଓ ପରିବେଶ ପାଇଁ ଭୟଙ୍କର କ୍ଷତିକାରକ । କୃଷିକ୍ଷେତ୍ରରେ ବ୍ୟାପକ ବିଷର ବ୍ୟବହାର ଯୋଗୁ ପାବ ଆଜି ଆମ ଦେଶରେ କ୍ୟାନ୍ସର କ୍ୟାପିଟାଲରେ ପରିଣତ ହୋଇଛି । ବର୍ତ୍ତମାନ ପରିସ୍ଥିତିରେ ଅପୂର୍ଣ୍ଣ କ୍ଷତିକୁ ଆଉ ଭରଣ କରିବା କଷ୍ଟସାଧ କିନ୍ତୁ ଏହାକୁ ଆମେ ଜୈବିକ ଚାଷ ଦ୍ୱାରା ସଂରକ୍ଷଣ କରିପାରିବା । ପ୍ରକୃତିର ସରଂକ୍ଷଣ ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଏବଂ ସୁନ୍ଦର ପରିବେଶ ଗଢ଼ିବାକୁ ହେଲେ ଜୈବିକ ଚାଷ ଆପଣେଇବାକୁ ପଡ଼ିବ ।

ଜୈବିକ ଚାଷ ହେଉଛି ପୋଷୋଣିୟ କୃଷି ର ମୁଖ୍ୟ ଚାବି । ଏହି ଚାଷରେ ସମ୍ପୃକ୍ତ ମୃତ୍ତିକା , ପ୍ରାଣୀ ଏବଂ ସମସ୍ତ ଉପାଦାନର ସମ୍ମାନ ଏବଂ ସଠିକ୍ ବ୍ୟବହାର ସହିତ ପୁନଃ ଚକ୍ରିକରଣ ହୋଇଥାଏ, ଯାହା ଦ୍ୱାରା ଏକ ସୁସ୍ଥ ଜୈବ ସମାଜ ଗଠିତ ହୁଏ ।

ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ ହେଉଛି ବିନା ରସାୟନିକ ସାର ଏବଂ କୀଟନାଶକ ଦ୍ୱାରା ହେଉଥିବା ଚାଷ । ଏହି ଚାଷରେ ଗଛର ପୋଷଣ କେବଳ ଜୈବିକ ପ୍ରଣାଳି ମାଧମରେ ଯଥା ଜିଆଖତ, ଗୋବରଖତ ଦ୍ୱାରା ପୂରଣ ହୋଇଥାଏ ଏବଂ ରୋଗ ପୋକ ଦମନ ପାଇଁ ନିମ ପତ୍ର, ଗାଇ ଗୁହାଳ ଏବଂ ଅନାନ୍ୟ ପ୍ରାକୃତିକ ଉପାଦାନ ରେ ପ୍ରସ୍ତୁତ ନିମସ୍ତ୍ର, ଅଗ୍ନ୍ୟସ୍ତ୍ର ଏବଂ ପଞ୍ଚଗଭ୍ୟ ଭଳି ଜୈବିକ କୀଟନାଶକ ଦ୍ୱାରା ହୋଇଥାଏ । କେତେକ ସାଧାରଣ ପଦ୍ଧତିକୁ ଅବଲମ୍ବନ କଲେ ସଠିକ ଚାଷକାର୍ଯ୍ୟ ସହ ପରିବେଶ ପ୍ରଦୂଷଣ ମଧ୍ୟ ରୋକା ଯାଇପାରିବ ।

୧.ଗୋବର ଖତର ବ୍ୟବହାର ତଥା ଜିଆ ଖତର ବ୍ୟବହାର ମୃତ୍ତିକାକୁ ଉର୍ବର କରିବା ସହ ଗଛକୁ ସବୁପ୍ରକାର ପୋଷୋକ ତତ୍ତ୍ୱ ଯୋଗାଇଥାଏ । ଏହା ମଧ ମାଟିର ଜଳଧାରଣ କ୍ଷମତା ବଢ଼ାଇ ଥାଏ ।

୨.ସବୁଜ ଖତ- ମୁଖ୍ୟ ଫସଲ କରିବା ପୂର୍ବରୁ ଜମିରେ ଧଣିଚ଼ା ଚାଷକରି ଫୁଲ ଧରିବା ପୂର୍ବରୁ ମାଟିରେ ହଳ କରି ମିଶେଇବା ଦ୍ୱାରା ଉର୍ବରତା ବଢ଼ିଥାଏ ।

୩.ଡାଲି ଜାତୀୟ ଫସଲ ଜୈବ ବିବନ୍ଧନ ସାହାଯ୍ୟରେ ବାୟୁମଣ୍ଡଳରେ ଥିବା ମୁକ୍ତ ଯବକ୍ଷାରଜାନ କୁ ଚେର ସାହାଯ୍ୟରେ ମୃତ୍ତିକାରେ ସଂରକ୍ଷଣ କରେ ଯାହା ଫଳରେ ,ଆଗାମୀ ଶସ୍ୟ ଜାତୀୟ ଚାଷ କରିବା ଦ୍ୱାରା ଯବକ୍ଷାରଜାନର

ଅଭାବ ହ୍ରାସ ପାଏ । ମୁଗ ଓ ବିରି ଚ଼ାଷ କଲାବେଳେ ବାୟୋ ଫର୍ଟିଲାଇଜର ବା ଅଣୁଜିବମାନଙ୍କ ବ୍ୟବହାର ମୃତ୍ତିକାରେ ଯବକ୍ଷାରଜାନ ବୃଦ୍ଧିକରାଏ ।

୪.ଶସ୍ୟ ଚ଼କ୍ରିକରଣ-ଗୋଟିଏ ଶସ୍ୟ ପରେ ଅନ୍ୟ ଏକ ଶସ୍ୟ ଉତ୍ପାଦନ କରିବା) ଦ୍ୱାରା ମୃତ୍ତିକାରେ ପୋଷକ ତ୍ୱର ପରିମାଣ ବୃଷିଘଟେ ଏବଂ ରୋଗ , କୀଟର ପ୍ରାଦୁର୍ଭାବ ଲୋପ ପାଇଯାଏ ।

୫. ଅନ୍ତଃ ଚ଼ାଷ- ଗୋଟିଏ ଜମିରେ ଏକ ସଙ୍ଗରେ ଦୁଇଟା ଶସ୍ୟ ଚ଼ାଷ କରିବାଦ୍ୱାରା ରୋଗ ଏବଂ କୀଟର ପ୍ରାଦୁର୍ଭାବ କମିଥାଏ ।

୬.ହଳଦିଆ ଯନ୍ତା ଏବଂ ଆଲୋକ ଯନ୍ତା- ଗବେଷଣାରୁ ଜଣାଯାଇଛି କୀଟ ମାନେ ସାଧାରଣଃ ହଳଦିଆ ରଙ୍ଗ ଏବଂ ଆଲୋକ ପ୍ରତି ଆକର୍ଷଣ ହୋଇଥାନ୍ତି। ତେବେ ଏହି ଯନ୍ତା ର ବ୍ୟବହାର ଦ୍ୱାରା କୀଟ ଦମନ କରାଯାଇପାରିବ ତେବେ ଆବଶ୍ୟକ ବେଳେ ରୋଗ ପୋକ ଦମନ ପାଇଁ ଅଗ୍ନାସ୍ତ୍ର,ନିମାସ୍ତ୍ର ଏବଂ ପଂଚଗବ୍ୟ ଆଦିର ବ୍ୟବହାର କରାଯାଇପାରିବ।

୭. ଅର୍ଦ୍ଧ ଶୁଷ୍କ ଅଞ୍ଚଳରେ ମାଟିକୁ ମଲଚ଼ିଂ ବା ଆଚ୍ଛାଦିତ କରି ଚ଼ାଷ କଲେ ଅନାବନା ଘାସର ଉପସ୍ଥିତି କମ୍ ହୋଇଥାଏ ।


ଆଧୁନିକ ସମାଜରେ ସମସ୍ତେ ଇଚ୍ଛା କରି ସୁସ୍ଥ ରହିବାପାଇଁ ଆଉ ଏଥି ପାଇଁ ସୁସ୍ଥ ପରିବେଶ ଓ ସୁସ୍ଥ ଖାଦ୍ୟର ଆବ୍ୟକତା ରହିଛି । ଜୈବିକ କୃଷି ହିଁ ଏକ ମାତ୍ର ଉପାୟ ଯାହା ସମାଜକୁ ସୁସ୍ଥ ପୋଷଣ ସହ ପରିବେଶକୁ ପୁନଃଚ଼କ୍ରିକରଣ କରି ସୁରକ୍ଷିତ ରଖିଥାଏ । ଚ଼ାଷୀ ଭାଇ ମାନେ ଜୈବିକ ଚ଼ାଷ କରିବାଦ୍ୱାରା କମ୍ ଖର୍ଚ୍ଚରେ ଭଲ ରୋଜଗାରକ୍ଷମ ହେବା ସହ ଆଗାମୀ ପିଢ଼ି ପାଇଁ ପ୍ରକୃତିର ଅବଦାନକୁ ସଞ୍ଚୟ କରି ରଖିପାରିବେ । ଶିକ୍ଷିତ ଯୁବକ ଯୁବତୀମାନେ ମଧ୍ୟ ଜୈବିକ ଚ଼ାଷ କରି ରୋଜଗାରକ୍ଷମ ହୋଇପାରିବେ।

**ବିଜ୍ଞାନ ରଞ୍ଜନ ସାହୁ**
**କୃଷି ଛାତ୍ର**
**ମୋ - ୯୫୫୬୨୫୯୯୧୯**



# କୃଷିବିଜ୍ଞାନ ଓ ଭୂବିଜ୍ଞାନ

**ଖା**ଦ୍ୟ ବୈଷୟିକ ପାଠ୍ୟକ୍ରମ କୃଷି ବିଜ୍ଞାନ ରାଷ୍ଟ୍ରର ଶାରୀରିକ ଏବଂ ମାନସିକ ସୁସ୍ଥତାର ଉତ୍ସ ଭାବେ ଛିଡ଼ା ହୋଇଥାଏ। କୃଷି ବିନା ଖାଦ୍ୟର କୌଣସି ପରିଚୟ କିମ୍ବା ଅସ୍ତିତ୍ୱ ନାହିଁ। ସେହିପରି ଭୂବିଜ୍ଞାନ କୁ ପ୍ରାକୃତିକ ବିଜ୍ଞାନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଅନ୍ୟ ବିଷୟ ତୁଳନାରେ ଭିନ୍ନ ପ୍ରାକୃତିକ ପ୍ରକ୍ରିୟା ସହ ଏହା ଅତି ଘନିଷ୍ଠ ଭାବେ ଜଡ଼ିତ। ରାଷ୍ଟ୍ରରେ ଗଚ୍ଛିତ ଥିବା ସମସ୍ତ ଖଣିଜ ତଥା ଶକ୍ତି ଉତ୍ସକୁ ଠାବ କରିବାରେ ଭୂବିଜ୍ଞାନର ଅବଦାନ ଅତୁଳନୀୟ।ତେଣୁ ଭୂବିଜ୍ଞାନ ମଧ୍ୟ ଦେଶର ଅର୍ଥନୀତିର ସେତୁକୁ ସୁଦୃଢ କରିଥାଏ।



ମୃତ୍ତିକା ଓ ଜଳ ବିନା କୃଷି ଅସମ୍ଭବ।ପୃଥିବୀ ସୃଷ୍ଟି ସହ ମୃତ୍ତିକାର ସୃଷ୍ଟି ହୋଇ ନାହିଁ। ବିଗ୍ ବ୍ୟାଙ୍ଗ ଥିଓରି ଅନୁସାରେ ଏକ ଜ୍ୱଳନ୍ତ ବିଶାଳ ବସ୍ତୁତ୍ୱର ଖଣ୍ଡ ବିଖଣ୍ଡିତ ପ୍ରକ୍ରିୟା ବିଭିନ୍ନ ଗ୍ରହ ସୃଷ୍ଟିର ମୁଖ୍ୟ କାରଣ। ପରେ ପରେ ଧୂମକେତୁର ପ୍ରଭାବ କିମ୍ବା ଆଗ୍ନେୟଗିରି ରୁ ନିର୍ଗତ ବାଷ୍ପ ରୁ ଜଳ ଏବଂ ବାୟୁମଣ୍ଡଳ ସୃଷ୍ଟି। ଏହାପରେ ଜୀବ ଜଗତ ଓ ଶେଷରେ ବିଭିନ୍ନ କ୍ଷୟକାରୀ ମାଧ୍ୟମ ଯଥା ନଦୀ, ପବନ, ଓ ଭୂତଳ ଜଳର କ୍ରିୟାଶୀଳତା ପ୍ରକ୍ରିୟା , ମୃତ୍ତିକାର ମୁଖ୍ୟ ଉପାଦାନ ବାଲି , ପଟୁ ତଥା କାଦୁଅକୁ ସୃଷ୍ଟି କରିଥିଲା। କାଳକ୍ରମେ ଜୈବ ପଦାର୍ଥର ମିଶ୍ରଣ , ଏକ ପୂର୍ଣ୍ଣ ବିକଶିତ ମୃତ୍ତିକାର ଉତ୍ପତ୍ତି ପାଇଁ ଦାୟୀ।

ଭାରତରେ ଦୃଷ୍ଟିମାନ୍ ହେଉଥିବା ବିଭିନ୍ନ ମୃତ୍ତିକା ମଧ୍ୟରୁ ନଦୀସ୍ରୋତ ଦ୍ୱାରା ସଞ୍ଚିତ ମୃତ୍ତିକା ( ଆଲୁଭିଆଲ୍ ସଏଲ ) , ଲୋହିତ ମୃତ୍ତିକା ଏବଂ କୃଷ୍ଣ କାର୍ପାସ ମୃତ୍ତିକା ଅର୍ଦ୍ଧାଧିକ ଅଂଶକୁ କବଳିତ କରି ରଖିଛି। ଉତ୍ତର ଭାରତର ପଞ୍ଜାବ, ହରିୟଣା ଉତ୍ତରପ୍ରଦେଶ ର କୃଷିକକ୍ଷେତ୍ର ଗାଙ୍ଗେୟ ସମତଳ ଅଞ୍ଚଳ ଅନ୍ତର୍ଭୁକ୍ତ ଏବଂ ଏହାର ହିମାଳୟ ପର୍ବତ ସହ ସମ୍ପର୍କ ରହିଅଛି। ଆଜିକୁ ପ୍ରାୟ ୫୦ ମିଲିୟନ ବର୍ଷ ପୂର୍ବେ ଇଣ୍ଡିଆନ ଓ ୟୁରେସିୟାନ୍ ପ୍ଲେଟ୍ ର ସଂଘର୍ଷ ରୁ ହିମାଳୟ ଜାତ। ସେବେଠାରୁ ଏହା ଅସ୍ଥିର ଏବଂ ଆଜି ବି ଏହାର ଉର୍ଦ୍ଧ୍ୱ ଗତି ଜାରି ରହିଛି। ହିମାଳୟରୁ ଜାତ ବିଭିନ୍ନ ନଦୀ ଯଥା ସିନ୍ଧୁ, ଗଙ୍ଗା , ବ୍ରହ୍ମପୁତ୍ର ଆଦି ପର୍ଯ୍ୟାପ୍ତ ପରିମାଣର ପଟୁ ଗାଙ୍ଗେୟ ସମତଳ ଓ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ଜମା କରାଇଥାନ୍ତି। କାରଣ ନଦୀ ଉଚ୍ଚ ପର୍ବତ୍ୟାଞ୍ଚଳରୁ

ପ୍ରବାହିତ ହୋଇ ଯେବେ କୌଣସି ସମତଳ ଅଞ୍ଚଳକୁ ପ୍ରବେଶ କରିଥାଏ , ତାର ଜଳର ଗତି ଧିମା ହୋଇଥାଏ। ଫଳରେ ସେ ନିଜ ସହ ବହନ କରୁଥିବା ପଦାର୍ଥକୁ ନଦୀର ତ୍ରିକୋଣ ଭୂମିରେ ଏବଂ ବନ୍ୟା ପରେ ନଦୀ ତଟ ଭୂମିରେ ଜମା କରିଥାଏ। ଏହି ପ୍ରକ୍ରିୟାରୁ ଉତ୍ତର ଭାରତ ଓ ପୂର୍ବ ଉପକଳର ଉର୍ବର ଆଲୁଭିଆଲ ସଏଲ୍ ସୃଷ୍ଟି ଯାହା ଧାନ , ଆଖୁ , ମକା ଇତ୍ୟାଦି ଚାଷ ପାଇଁ ପ୍ରଯୁଜ୍ୟ ।ପରେ ଲୋହିତ ମୃତ୍ତିକା ମୁଖ୍ୟତଃ କମ୍ ବୃଷ୍ଟିପାତ ତଥା ଶୁଷ୍କଜଳବାୟୁରେ ସୃଷ୍ଟି ହୋଇଥାଏ। ଆଇରନ୍ ଅକ୍ସାଇଡ୍ ର ଉପସ୍ଥିତି ପାଇଁ ଏହା ଲାଲ୍ ରଙ୍ଗ ବହନ କରିଥାଏ , ଯାହା ରାଜସ୍ଥାନରେ ଦେଖାଯାଇଥାଏ ।

କୃଷ୍ଣ କାର୍ପାସ୍ ମୃର୍ତ୍ତିକା ଭାରତର ପଶ୍ଚିମ ରାଜ୍ୟ ମହାରାଷ୍ଟ୍ରରେ ଅଧିକାଂଶରେ ଦେଖାଯାଏ ।ଏହା ଛଡା ପଶ୍ଚିମ ମଧ୍ୟପ୍ରଦେଶ, ଗୁଜରାଟ ଓ ରାଜସ୍ଥାନର କିଛି ଅଂଶରେ ବି ଏହା ଦେଖା ଯାଇଥାଏ। ଭୂତତ୍ତ୍ୱର ସମୟ ଖସଡ଼ା ଅନୁସାରେ , କ୍ରେଟା- ସିୟସ୍ ରୁ ଇଓସିନ୍ କାଳ ଅବଧି ଭିତରେ ଡେକାନ୍ ଶିଳାର ସୃଷ୍ଟି। ଏହି ଡେକାନ୍ ଶିଳା ରି-ୟୁନିୟନ୍ ନାମକ ହଟ୍-ସ୍ପଟ୍ ଉପରେ ଭାରତୀୟ ପ୍ଲେଟ ର ଚଳନ ଯୋଗୁଁ ସୃଷ୍ଟି ହୋଇଥିଲା ।ପରେ ବିଭିନ୍ନ କ୍ଷୟକାରୀ ପ୍ରକ୍ରିୟା ପ୍ରଭାବରେ କୃଷ୍ଣ ମୃର୍ତ୍ତିକା ଜନ୍ମ ନେଇଥିଲା। ମାତ୍ରାଧିକ ଅଇରନ୍ ଓ ମାଗ୍ନେଶିୟମ୍ ଧାରଣ କ୍ଷମତା ପାଇଁ ଏହାର ରଙ୍ଗ କଳା। ଏତଦ୍ ବ୍ୟତୀତ କାଦୁଅର ଅଧିକ ଉପସ୍ଥିତ ପାଇଁ ଏହାର ଜଳ ଧାରଣ କ୍ଷମତା ମଧ୍ୟ ଅଧିକ ଯାହା କପା ଚାଷ ପାଇଁ ଜରୁରୀ। ତେଣୁ ଭୂବିଜ୍ଞାନ ଓ କୃଷି ବିଜ୍ଞାନ ପରସ୍ପର ସହ ବନ୍ଧନରେ ବନ୍ଧା।

ଉର୍ବର ଆଲୁଭିଆଲ ସଏଲ୍ ସୃଷ୍ଟି ଯାହା ଧାନ , ଆଖୁ , ମକା ଇତ୍ୟାଦି ଚାଷ ପାଇଁ ପ୍ରଯୁଜ୍ୟ ।ପରେ ଲୋହିତ ମୃତ୍ତିକା ମୁଖ୍ୟତଃ କମ୍ ବୃଷ୍ଟିପାତ ତଥା ଶୁଷ୍କଜଳବାୟୁରେ ସୃଷ୍ଟି ହୋଇଥାଏ। ଆଇରନ୍ ଅକ୍ସାଇଡ୍ ର ଉପସ୍ଥିତି ପାଇଁ ଏହା ଲାଲ୍ ରଙ୍ଗ ବହନ କରିଥାଏ , ଯାହା ରାଜସ୍ଥାନରେ ଦେଖାଯାଇଥାଏ ।

**ଶ୍ରବଣ କୁମାର କର**
**ଜଗତସିଂହପୁର**



# ବାୟବୀୟ ଧାନଚାଷ

**ବାୟବୀୟ** ଧାନଚାଷ (Aerobic rice) ହେଉଛି ଅଧିକ ଅମଳକ୍ଷମ କିସମକୁ ବିନା କାଦୁଅରେ ସିଧାସଳଖ ବୁଣି, ମାଟିରେ ବାୟୁ ଚଳାଚଳ କରି ପାରୁଥିବା ଅବସ୍ଥାରେ, ଜଳସେଚନ ଓ ସାର ପ୍ରୟୋଗ କରି ଅଧିକ ଉତ୍ପାଦନ କରିବା । ଏହା ପାଇଁ ମ୍ମମ ଧରଣର ଜମି ସର୍ବୋ©ମ । ଏହା ସାଧାରଣତଃ କୂଅ, ନଳକୂପ,ପୋଖରୀ ଇତ୍ୟାଦି ଜଳସେଚିତ ଜମି ପାଇଁ ବେଶ ଉପଯୋଗୀ, ଅଥବା କେନାଲ ଜଳସେଚନର ଶେଷ ମୁଣ୍ଡ, ଯେଉଁଠି ଜଳସେଚନର ଜଳ କମ ମାତ୍ରାରେ ଉପଲବ୍ଧ । ଖରିପ ଋତୁରେ ଏହା ଜୁନ-ଜୁଲାଇ ଏବଂ ଡାଲୁଅ ଧାନ ପାଇଁ ଫେବ୍ରୁଆରୀ ମାସରେ ଧାନ ବୁଣାଯାଏ ।



ଜମି ପ୍ରସ୍ତୁତି ପାଇଁ ମାଟିକୁ ହଳ କରି ଭଲ ଭାବରେ ଗୁଣ୍ଡ କରାଯାଏ, ମାଟିର ଆଦ୍ରତା ଆବଶ୍ୟକତା ଅନୁଯାୟୀ ରହିବା ଆବଶ୍ୟକ । ତାପରେ ଜମିକୁ ସମତୁଲ କରାଯାଏ ଏବଂ ମଞ୍ଜିବୁଣା ଯନ୍ତ୍ର ସାହାଯ୍ୟରେ ବିହନ ବୁଣାଯାଏ । ଜମିକୁ ଗଭୀର ହଳ ଓ ମାଟିକୁ ଗୁଣ୍ଡ କରବା ଦ୍ୱାରା ମାଟିରେ ବାୟୁ ଚଳାଚଳରେ ସୁବିଧା ହୁଏ ଓ ଚେରର ବୃଦ୍ଧିରେ ସହାୟକ ହୁଏ । ଚେରର ବୃଦ୍ଧି ଠିକ ଭାବରେ ହୋଇ ପାରିଲେ ଆବଶ୍ୟକ ଜଳ ଓ ପୋଷକ ଠିକ ଭାବରେ ମାଟିରୁ ଶୋଷଣ ହୋଇପାରେ, ଯାହା ଗଛର ବୃଦ୍ଧି ଓ ଅଧିକ ଅମଳ ପାଇଁ ସହାୟକ ହୁଏ । ଏହି ପଦ୍ଧତିରେ କମ ଜଳସେଚନରେ ମଧ୍ୟ ଅଧିକ ଅମଳ କରାଯାଇପାରେ କାରଣ, ଜମିରେ ଆବଶ୍ୟକ ସମୟରେ ଠିକ ପରିମାଣରେ ଜଳସେଚନ କରାଯାଏ (ଜମିରୁ ପାଣି ଶୁଖି, ପତଳା ଗାର ଭଳି ଫାଟ ସୃଷ୍ଟି ହେଲେ ପରବର୍ତ୍ତୀ ଜଳସେଚନ କରାଯାଏ), କାରଣ ଅଧିକ ଜଳସେଚନ ହେଲେ, ଠିଆ ପାଣି ରହିବ, ଯାହା ମାଟିକୁ ବାୟୁ ଚଳାଚଳରେ ପ୍ରତିବନ୍ଧକ ସୃଷ୍ଟି କରିବ ।

ଏହି ପଦ୍ଧତିରେ ୫୦କିଲୋଗ୍ରାମ ବିହନ ପ୍ରତି ହେକ୍ଟର ଆବଶ୍ୟକ ହୁଏ । ବୁଣିବା ସମୟରେ ବ୍ୟବଧାନ ୨୦ X ୧୫ ସେଣ୍ଟିମିଟର ରଖାଯାଏ ଓ ମଞ୍ଜିକୁ ୩-୫ ସେଣ୍ଟିମିଟର ମାଟି ତଳେ ମଞ୍ଜିବୁଣା ଯନ୍ତ୍ର ସାହାଯ୍ୟରେ ବୁଣାଯାଏ ଓ ପରେ ମାଟିଦ୍ୱାରା ଘୋଡାଇ ଦିଆଯାଏ ଏବଂ ଜମିକୁ ସମତୁଲ କରି ଏକ ହାଲକା ଜଳସେଚନ କରାଯାଏ ।

ବାୟବୀୟ ଧାନଚାଷ ପାଇଁ ଉପଯୁକ୍ତ ବିହନ କିସମ ଗୁଡିକ ହେଲା ଉଜ ଧାନ ୨୦୦,ଉଜ ଧାନ ୨୦୧,ଉଜ ଧାନ ୨୦୨,ଉଜ ଧାନ ୨୦୪ ଇତ୍ୟାଦି ।

**ଶୁଭଙ୍କର ପୁରୋହିତ**
**ସହକାରୀ ପ୍ରଧାପକ,କ୍ଷେତ୍ର ବିଜ୍ଞାନ ,**
**ଏମ.ଏସ.ସ୍ୱାମୀନାଥନ କୃଷି ମହାବିଦ୍ୟାଳୟ ,**
**ପାରଳାଖେମୁଣ୍ଡି**

# ଧାନ ଫସଲରେ ରୋଗ ପରିଚାଳନା



ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଭାବେ ସାରା ଦେଶରେ ବେଶ ଜଣାଶୁଣା । କୃଷିକର୍ମିଣ ରାଜ୍ୟ ଭାବେ ଓଡ଼ିଶାରେ ବିଭିନ୍ନ ଫସଲ ବିଭିନ୍ନ ଋତୁରେ ଚାଷ କରାଯାଏ । ତେବେ ଓଡ଼ିଶାର ପ୍ରମୁଖ ଫସଲ ମଧ୍ୟରେ ଧାନ ଅନ୍ୟତମ । ଧାନଚାଷକୁ ଆମ ଦେଶର ୭୦% ଲୋକ ମୁଖ୍ୟ ଜୀବିକା ଭାବେ ଆଧାର କରନ୍ତି । ପରନ୍ତୁ ଧାନ ଚାଷରେ ହେଉଥିବା କେତୋଟି ପ୍ରମୁଖ ରୋଗ ପାଇଁ ବହୁ ସମୟରେ ଉତ୍ପାଦନ ହ୍ରାସ ପାଇଥାଏ । ତେବେ ଧାନ ଚାଷର ହେଉଥିବା କେତୋଟି ପ୍ରମୁଖ ରୋଗ ମାନଙ୍କ ମଧ୍ୟରେ ବାଦାମୀ ପତ୍ରଚିତା ପତ୍ରପୋଡ଼ା, ମହିସା ରୋଗ ।

◆ **ମହିସା ରୋଗ :**

ଧାନର ପ୍ରମୁଖ ରୋଗ ମାନଙ୍କ ମଧ୍ୟରେ ମହିସା ରୋଗ ସବୁଠୁ ଅଧିକ ନଷ୍ଟ କରିଥାଏ । ଏହା ମୁଖ୍ୟତଃ କବକ ଦ୍ୱାରା ହୋଇଥାଏ । ଏହା ଧାନର ସର୍ବାଧିକ କ୍ଷତି କରାଇଥାଏ । ମୁଖ୍ୟତଃ ପାଇରୀକୁଲାରିଆ କବକ ଦ୍ୱାରା ହୋଇଥାଏ ।

◆ **ଲକ୍ଷଣ :**

ଧାନ ଗଛରେ ଏଇ ରୋଗ ହେଉଥିଲେ ପ୍ରଥମେ ଧାନର ପତ୍ର ଉପରେ ଆଖି ପରି ପାଣିପଶା ଦାଗ ଦେଖାଯାଏ । ପରେ ଏହା ବାଦାମୀ ରଙ୍ଗ ହୋଇଯାଏ । ମୁଖ୍ୟ ଭାବରେ ଜୁଲାଇ ମାସରେ ଆରମ୍ଭରେ ଦେଖାଯାଏ ଓ ମଞ୍ଜିଅଂଶ ପାଉଁଶିଆ ହୋଇଯାଏ । ଯେଉଁ ସ୍ଥାନରେ ଏହି ରୋଗ ଦେଖାଯାଏ ସେଇ ଧାନକେଣ୍ଡା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ ।

◆ **ସମାଧାନ :**

- ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
- ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

◆ **ବାଦାମୀ ପତ୍ରଚିତା ରୋଗ :**

ଏହା ବି ଏକ କବକ ଜନିତ ରୋଗ । ୧୯୪୩ ମସିହାରେ ବେଙ୍ଗଲରେ ହୋଇଥିବା ବେଙ୍ଗଲ ଫେମାଇନ ଏହି କବକ ପାଇଁ ହୋଇଥିଲା ।

◆ **ଲକ୍ଷଣ :**

ଏହି ରୋଗ ହେଲେ ଧାନ ପତ୍ରରେ ଅଣ୍ଡା ପ୍ରକୃତିର ବାଦାମୀ ଚିହ୍ନ ଦେଖାଯାଏ । ଏହା ସହିତ ପତ୍ରର ଉପର ପାର୍ଶ୍ୱରେ ଗୋଲାକାର ଚିହ୍ନ ଦେଖାଯାଏ । ମୁଖ୍ୟତଃ ପଟାସ ଅଭାବ ଥିବା ଜମିରେ ଏହି ରୋଗ ବେଶି ମାତ୍ରାରେ ଦେଖାଯାଏ । ଏହି କବକ ଧାନ ଚାରାର ବହୁତ କ୍ଷତି କରିଥାଏ । ଅଧିକ ଆଦ୍ରତା ଆଉ ୨୦ ରୁ ୨୫ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହାୟକ ।

◆ **ସମାଧାନ :**

■ କିଆରୀ ହୁଡ଼ା ସଫା ରଖିବା ସହ ଘାସ ଉପାଡ଼ି ଦେବା

■ ଏହି ରୋଗ ସହନଶୀଳ କିସମ ବ୍ୟବହାର କରିବା

■ ଖରାଟିଆ ଚାଷ କରିବା ।

■ ବିହନକୁ ଥିରାମରେ ବିଶୋଧନ କରିବା ।

■ ଏଥି ସହିତ କର୍ବେଣ୍ଡଜୀମକୁ ପ୍ରୟୋଗ କରିବା ।

■**ପତ୍ରପୋଡ଼ା ରୋଗ :**

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

◆ **ଲକ୍ଷଣ :**

■ ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ ।

■ ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ ।

■ ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।

■ ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ

■ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ ।

**ସମାଧାନ :**

■ ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।

■ ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।

■ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।

■ ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

**-ଶ୍ୟାମଳସୁବର୍ଣ୍ଣ ବ୍ୟୁରୋ**

'ଶ୍ୟାମଳ ସୁବର୍ଣ୍ଣ'ର ଇ-ସଂସ୍କରଣ ଏବେ ଉପଲବ୍ଧ ।

ଅନଲାଇନ ଜରିଆରେ ଇ-ପତ୍ରିକା ଦେଖିବା ପାଇଁ ଲଗଅନ୍ କରନ୍ତୁ

**www.shyamalasubarna.com**

# ଯୁବପିଢ଼ୀ ଓ କୃଷି

ମଧୁସ୍ମିତା ସେନାପତି

ଯେକୌଣସି ରାଷ୍ଟ୍ର ଏବଂ ସମାଜର ଶକ୍ତି ସେ ଦେଶର ଯୁବଶକ୍ତି ଉପରେ ନିର୍ଭର କରିଥାଏ। ତେଣୁ ଯେଉଁ ରାଷ୍ଟ୍ର ଉପଯୁକ୍ତ ଭାବରେ ଦେଶରେ ଯୁବଶକ୍ତିକୁ ଉପଯୋଗ କରିପାରେ ସେ ଦେଶ ସେତେ ଆଗକୁ ବଢ଼ିଚାଲେ। ଯଦି ଭାରତକୁ ଦେଖାଯାଏ ତେବେ ଏହା ସାମ୍ନାକୁ ନିଶ୍ଚୟ ଆସେ ଯେ ଭାରତ ଏକ କୃଷି ପ୍ରଧାନ ଦେଶ, କିନ୍ତୁ ବ©ମାନ ସ୍ଥିତି ଦେଖିଲେ ଜଣାଯାଏ ଯେ ବ©ମାନ ଭାରତ କୃଷି କ୍ଷେତ୍ରରେ ପଛୁଆ ହେବାର ଲାଗିଛି ଓ ଏକମାତ୍ର କାରଣ ହେଉଛି ଯେ ଯୁବପିଢି କୃଷି ଠାରୁ ଦୂରେଇ ଯାଉଛନ୍ତି, ଏଥି ମଧ୍ୟରୁ ଅଧିକାଂଶ କୃଷକ ମଧ୍ୟ ସେମାନଙ୍କ ପରବ©ୀ ପିଢ଼ିକୁ କୃଷି କ୍ଷେତ୍ରରେ ନିୟୋଜିତ କରିବା ପାଇଁ କୁଣ୍ଠା ବୋଧ କରୁଛନ୍ତି। କାରଣ ସେମାନେ ଚାହାଁନ୍ତି ସେମାନଙ୍କ ପିଲା କୃଷିରୁ ଦୂରେଇ ଚାକିରି କରନ୍ତୁ। ଭାରତ ଏକ କୃଷି ପ୍ରଧାନ ଦେଶ, ଭାରତର ଅର୍ଥ ବ୍ୟବସ୍ଥା କୃଷି ଉପରେ ହିଁ ନିର୍ଭର କରିଥାଏ। ଦେଶର ସମ୍ପୂର୍ଣ୍ଣ ଜନସଂଖ୍ୟା ମଧ୍ୟରୁ ୪୧% ପ୍ରତିଶତ ଯୁବପିଢି ରହିଛନ୍ତି କିନ୍ତୁ ଦେଶର ସାମଗ୍ରିକ ବିକାଶ ଆହ୍ୱାନ ସାଜିଥିବା କୃଷି ଠାରୁ ଆଜି ଯୁବପିଢି ବିମୁଖ ହେବାରେ ଲାଗିଛନ୍ତି। ଚାଷ ଓ କୃଷି କାର୍ଯ୍ୟ ସମକ୍ଷ ଗୁରୁତର ଆହ୍ୱନ ଆମ ସାମ୍ନାରେ ରହିଛି ।ବିକାଶ ପଥରେ ଆଗେଇ ଯିବା କ୍ଷେତ୍ରରେ ଆମେ କୃଷି ଠାରୁ ଦୂରେଇ ଯାଉଛନ୍ତି ଓ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ସହର ମୁହାଁ ହେଉଛନ୍ତି। ଭାରତୀୟ ଲୋକକଥାରେ ଏକ ବହୁ ପୁରାତନ କଥାରେ ରହିଛି ଯେଉଁଥିରେ କୃଷିକାର୍ଯ୍ୟ ସର୍ବୋ©ମ ସ୍ଥାନରେ , ବାଣିଜ୍ୟ ଓ ବ୍ୟବସାୟକୁ ମଧ୍ୟମ ସ୍ଥାନରେ ଓ ଚାକିରି ସର୍ବନିମ୍ନ ସ୍ଥାନରେ ରଖାଯାଇଥିଲା। କୃଷି ଭାରତର ପାଇଁ କେବଳ ବ୍ୟବସାୟ ନୁହେଁ ବରଂ ତାହା ଭାରତର



ଜୀବନଶୈଳୀ ଏବଂ ଆମର ଅର୍ଥନୈତିକ ,ସାମାଜିକ , ଆଧ୍ୟାତ୍ମିକ ପ୍ରଗତି ପାଇଁ କୃଷି ହେଉଛି ମାଧ୍ୟମ। ଭାରତର ଲୋକମାନେ କୃଷିକୁ ଏକ ଉତ୍ସବ ଭାବରେ ପାଳନ କରନ୍ତି।

ଚାଷ ଓ କୃଷି କାର୍ଯ୍ୟ ସମକ୍ଷ ଗୁରୁତର ଆହ୍ୱାନ ଆମ ସାମ୍ନାରେ ରହିଛି।ବିକାଶ ପଥରେ ଆଗେଇ ଯିବା କ୍ଷେତ୍ରରେ ଆମେ କୃଷି ଠାରୁ ଦୂରେଇ ଯାଉଛନ୍ତି ଓ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ସହର ମୁହାଁ ହେଉଛନ୍ତି। ଭାରତୀୟ ଲୋକକଥାରେ ଏକ ବହୁ ପୁରାତନ କଥାରେ ରହିଛି ଯେଉଁଥିରେ କୃଷିକାର୍ଯ୍ୟ ସର୍ବୋତ୍ତମ ସ୍ଥାନରେ , ବାଣିଜ୍ୟ ଓ ବ୍ୟବସାୟକୁ ମଧ୍ୟମ ସ୍ଥାନରେ ଓ ଚାକିରି ସର୍ବନିମ୍ନ ସ୍ଥାନରେ ରଖାଯାଇଥିଲା।କୃଷି ଭାରତର ପାଇଁ କେବଳ ବ୍ୟବସାୟ ନୁହେଁ ବରଂ ତାହା ଭାରତର ଜୀବନଶୈଳୀ ଏବଂ ଆମର ଅର୍ଥନୈତିକ ,ସାମାଜିକ , ଆତ୍ମିକ ପ୍ରଗତି ପାଇଁ କୃଷି ହେଉଛି ମାଧ୍ୟମ। ଭାରତର ଲୋକମାନେ କୃଷିକୁ ଏକ ଉତ୍ସବ ଭାବରେ ପାଳନ କରନ୍ତି।

ଯଦିଓ ବର୍ତ୍ତମାନ କୃଷିକାର୍ଯ୍ୟ ଆମ ପାଇଁ ଏକ ଆହ୍ୱାନ ହୋଇ ଆମ ସାମ୍ନାକୁ ଆସିଛି ତଥାପି ଜୀବନଶୈଳୀ ବିକାଶ ଦିଗରେ ଆଗେଇବା ଆଶାରେ ଆମ ଯୁବପିଢି ନିଯୁକ୍ତି ସୁଯୋଗ ଆଶାରେ ସହର ମୁହାଁ ହେଉଛନ୍ତି,କାରଣ କୃଷି କାର୍ଯ୍ୟରୁ ଏକ ସମ୍ମାନଜନକ ଆୟ ସମ୍ଭବ ହୋଇପାରୁ ନାହିଁ ବୋଲି ସେମାନେ ବିଶ୍ୱାସ କରୁଛନ୍ତି।

ସମ୍ମାନଜନକ ଆୟ ସମ୍ଭବ ହୋଇପାରୁ ନାହିଁ ବୋଲି ସେମାନେ ବିଶ୍ୱାସ କରୁଛନ୍ତି। ଏପରି ମାନସିକତା ସୃଷ୍ଟି ହେବାର କାରଣ ହେଉଛି- ବର୍ତ୍ତମାନ କୃଷକମାନଙ୍କ ପାଇଁ ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟତା ମୂଲ୍ୟରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ଦେବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ କୃଷକମାନେ କିପରି ସେମାନଙ୍କ ସମ୍ମାନଜନ ଭୂମିକା ପାଇପାରିବେ ସେଥି ପ୍ରତି ଦୃଷ୍ଟି ଦେବା ମଧ୍ୟ ଆବଶ୍ୟକ। ପ୍ରାୟତଃ ଦେଖାଯାଏ ଶସ୍ୟ କ୍ରୟ କେନ୍ଦ୍ରରେ ଦଲାଲମାନଙ୍କ ସାହାଯ୍ୟରେ ଶସ୍ୟବ୍ୟବସାୟୀ କୃଷକମାନଙ୍କ ଠାରୁ ଶସ୍ତା ଦରରେ ଶସ୍ୟ କ୍ରୟ କରି କେନ୍ଦ୍ରରେ ଅଧିକ ଦାମ୍ ରେ ବିକ୍ରି କରିଥାନ୍ତି,ଯାହା ଫଳରେ କୃଷକ ନିଜର କଠିନ ପରିଶ୍ରମର ଉଚିତ୍ ମୂଲ୍ୟ ପାଇବାରୁ ବଞ୍ଚିତ ହୁଅନ୍ତୁ ଓ କୃଷି ପ୍ରତି ଥିବା ତାର ଆଗ୍ରହ ଧୀରେ ଧୀରେ କମିବାକୁ ଲାଗେ।ଏଥି ସହିତ ସରକାର ଶସ୍ୟ କ୍ରୟ କରିବା ପରେ ଏହାକୁ ସଂରକ୍ଷଣ କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ହେଇ ପାରୁଥିବାରୁ ବହୁ ମାତ୍ରାରେ ଶସ୍ୟ ନଷ୍ଟ ହୋଇ ଯାଇଥାଏ। ଚାଷୀ ବର୍ଷ ବର୍ଷ ଧରି ନିଜର ଧାନ ସଂରକ୍ଷଣ କରିବା, ଚାଷୀଙ୍କ ପାଇଁ କୌଣସି ଅସୁବିଧା ନ ଥିଲେ ମଧ୍ୟ ସରକାରଙ୍କ ଦ୍ୱାରା ସର୍ବନିମ୍ନ ପାଇବା ପାଇଁ ସେମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଥାଏ।ଯଦି ସରକାର ଏଭଳି ନୀତି ଆପଣାନ୍ତି ଯେଭଳି ଚାଷୀଙ୍କୁ ସହଜରେ ସେମାନଙ୍କୁ ସର୍ବନିମ୍ନ ମୂଲ୍ୟ ଦିଆଯାଇ ପାରିବ ଓ ଏପରି କରିବା ଦ୍ୱାରା ଶସ୍ୟ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ସରକାର ପାଇଁ କୌଣସି ଅସୁବିଧା ହେବ ନାହିଁ।

ସର୍ବନିମ୍ନ ମୂଲ୍ୟ ଦିଆଯାଇ ପାରିବ ଓ ଏପରି କରିବା ଦ୍ୱାରା ଶସ୍ୟ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ସରକାର ପାଇଁ କୌଣସି ଅସୁବିଧା ହେବ ନାହିଁ।

କୃଷକ କୃଷି କାର୍ଯ୍ୟ କରି ପ୍ରକୃତିକୁ ସୁରକ୍ଷା ଦେବା ସହିତ ଚାଷୀକୁଳକୁ ଜୀବିତ ରଖିବାରେ ସହାୟକ ହୋଇଥାଏ,କିନ୍ତୁ ସମୟ ପରିବର୍ତ୍ତନ ସହିତ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଓ ସମ୍ମାନ ମିଳି ନ ପାରୁଥିବାରୁ ସେମାନେ ଅନେକ ସଙ୍କଟ ସହ ଏଯାବତ୍ ସଂଘର୍ଷ କରୁଛନ୍ତି। ସରକାରଙ୍କ ଉପରେ ନିର୍ଭରଶୀଳ ହେବା କାରଣରୁ କୃଷକ ନିଜ ସକ୍ଷମତା ଜାଣିବାରେ ଅକ୍ଷମ ହେଉଛନ୍ତି,ତେଣୁ କୃଷି କାର୍ଯ୍ୟକୁ ପୁର୍ନବାର ଲାଭଦାୟକ କରିବାକୁ ହେଲେ କୃଷକମାନଙ୍କ ସହ ସରକାର ମ୍ନ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପଡ଼ିବ।ଯେପରି ପ୍ରତ୍ୟେକ ବ୍ୟକ୍ତିର କିଛି ବିଶେଷ ଗୁଣ ସେ ଦେଶର ତଥା ରାଜ୍ୟକୁ ସଫଳତା ଆଣିଦିଏ ଠିକ୍ ସେହିପରି ଭାରତ ଏକ ଗାଆଁ ର ଦେଶ ଏଥିରେ କୃଷି କାର୍ଯ୍ୟ ଏକ ବିଶେଷ ଗୁଣ ଏବଂ ଦେଶର ବିକାଶରେ ଚାଷ ବିକାଶ ଦିଗରେ ବଢ଼ି ଚାଲେ।କିନ୍ତୁ ବର୍ତ୍ତମାନ ଏହା ଦୃଷ୍ଟିଗୋଚର ହେଉଅଛି ଯେ କୃଷିକାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ନୂତନ ପିଢ଼ି ଚାକିରି ପାଇଁ ସହରମୁହାଁ ହେଉଛନ୍ତି, ଯେଉଁଠାରେ ସେମାନେ କୌଣସି ପ୍ରକାରର ରୋଜଗାର କରିବାକୁ ସକ୍ଷମ ଅଟନ୍ତି। ତେଣୁ ଦେଶରେ କୃଷିକୁ ବଞ୍ଚାଇବାକୁ ହେଲେ ଓ କୃଷକଙ୍କ ସ୍ଥିତିକୁ ସୁଧାରିବା ସହ କୃଷକ ସମ୍ପ୍ରଦାୟ କୁ ଅନନ୍ୟ ସଙ୍କଟରୁ ମୁକ୍ତ କରିବା ପାଇଁ କୃଷକ ପରିବାରର ଯୁବକମାନଙ୍କ ଭିତରେ ଶୋଇଥିବା ସିଂହର ଶକ୍ତିକୁ ଜାଗ୍ରତ କରାଇବା ଆବଶ୍ୟକ। ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କୁ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ କରିବାକୁ ପଡ଼ିବ ଏଥି ସହିତ ଆମର ପାରମ୍ପାରିକ ଗ୍ରାମୀଣ ଏବଂ କୁଟୀର ଶିଳ୍ପଗୁଡ଼ିକୁ ପୁନର୍ଜୀବିତ କରିବାକୁ ପଡ଼ିବ।

ଆଜି ସମଗ୍ର ବିଶ୍ୱ ଏକ ବିଶ୍ୱ କରୋନା ମହାମାରୀ ସହ ସମ୍ମୁଖୀନ ହେଉଛି। ସମସ୍ତ ବ୍ୟବସାୟ ଖରାପ ହେବା ସହ ଅନେକ ମାତ୍ରାରେ ଅର୍ଥନୀତି ପ୍ରଭାବିତ ହୋଇଛି। ଏଥି ସହିତ, ଭାରତ ପରି ଏକ କୃଷି ଦେଶରେ କୃଷି ବ୍ୟବସ୍ଥା ଯାହା ଭାରତୀୟ ଅର୍ଥନୀତିର ଏକମାତ୍ର ଶକ୍ତିଶାଳୀ କ୍ଷେତ୍ର, ଯେଉଁଥିରେ ଲୋକଙ୍କ ଜୀବିକା ଏବଂ ମାନବ ଜୀବନର ଉନ୍ନତି ହୋଇ ରହିଥାଏ। ଏହା ସମସ୍ତଙ୍କୁ ଜଣା ଯେ କେବଳ କୃଷି ମାଧ୍ୟମରେ ମନୁଷ୍ୟର ଉନ୍ନତି ସମ୍ଭବ। ଯଦିଓ ମଣିଷ ନିଜ ଇଚ୍ଛାରେ ନିଜର ଇଚ୍ଛାକୃତ ହାସଲ କରିପାରିବ, କିନ୍ତୁ ତାଙ୍କର ରକ୍ଷଣାବେକ୍ଷଣ ଏହି କୃଷି ପ୍ରଣାଳୀ ସହିତ ସଂଯୁକ୍ତ। ଆଜିର ସଙ୍କଟରେ, ଗ୍ରାମାଞ୍ଚଳର କୃଷି ପ୍ରଣାଳୀ ଭାରତର ଅର୍ଥବ୍ୟବସ୍ଥାକୁ ମଜବୁତ କରିବାରେ ସହାୟକ ହେଉଅଛି । ସର୍ବଭାରତୀୟ ସ୍ତରରେ ବୃହତ ବୃହତ୍ ଅର୍ଥନୀତି ଓଲଟ ପାଲଟ ହୋଇ ରହିଛି ,ଏଥି ସହିତ ଅର୍ଥନୀତିଜ୍ଞମାନେ ଏହି ଖରାପ ସମୟରେ ମଧ୍ୟ ଭାରତର ଅର୍ଥନୀତିରେ ଏକ କିମ୍ବା ଦୁଇ ପ୍ରତିଶତ ଅଭିବୃଦ୍ଧି ଆଶା କରୁଛନ୍ତି। ଏହା ସହିତ ଅର୍ଥନୀତିଜ୍ଞମାନେ ଏହି ଖରାପ

ସମୟରେ ମଧ ଭାରତର ଅର୍ଥନୀତିରେ ଏକ କିମ୍ବା ଦୁଇ ପ୍ରତିଶତ ଅଭିବୃଦ୍ଧି ଆଶା କରୁଛନ୍ତି। ଏହା ପଛର କାରଣ ହେଉଛି ଆମର ଗ୍ରାମାଞ୍ଚଳର କୃଷି ବ୍ୟବସ୍ଥା ,କିନ୍ତୁ ଗ୍ରାମାଞ୍ଚଳର ଅର୍ଥନୀତିରେ ଯୁବକମାନଙ୍କର ଯୋଗଦାନର ଅଭାବ ଏବଂ କୃଷି କ୍ଷତିର ମୁକାବିଲା ଏକ ବଡ ସମସ୍ୟା। ଗ୍ରାମୀଣ ଅର୍ଥନୀତିକୁ ଜୀବନ୍ତ ରଖିବା ପାଇଁ ଗାଁରେ କୃଷି ବ୍ୟବସ୍ଥାକୁ ମଜବୁତ କରିବାକୁ ପଡିବ।ବର୍ତ୍ତମାନ ସମୟରେ, ଯେଉଁଠାରେ ସୂଚନା ପ୍ରଯୁକ୍ତିବିଦ୍ୟା ସହିତ ମାନବ ଜୀବନ ସହଜ ହୋଇଛି, ଅନ୍ୟ ପଟେ ଅମଳର କ୍ଷତି ଘଟିଛି । ଯେପର୍ଯ୍ୟନ୍ତ ଗ୍ରାମୀଣ କୃଷି ଅର୍ଥନୀତିକୁ ସଚ୍ଚୋଟ ସରକାରୀ ଆଭିମୁଖ୍ୟ ଏବଂ ନୀତିକୁ ଭିତ୍ତିହୀନ ଆଭିମୁଖ୍ୟ ଗ୍ରହଣ ରୂପେ ନିଶ୍ଚିତ କରାଯିବ ନାହିଁ, ସେପର୍ଯ୍ୟନ୍ତ କୃଷି ବ୍ୟବସ୍ଥାରେ ଉନ୍ନତି ହୋଇପାରିବ ନାହିଁ।ହିମାଚଳ ପ୍ରଦେଶର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟା କୃଷି ବ୍ୟବସ୍ଥା ସହିତ ସଂଯୁକ୍ତ, ଅଧିକ ଜନସଂଖ୍ୟା ହେତୁ ରାଜ୍ୟର କୃଷି ବ୍ୟବସ୍ଥାକୁ ଜୀବନ୍ତ ରଖିବା ଆବଶ୍ୟକ, ଏହା ସହିତ ଯୁବପିଢ଼ିକୁ ମ୍ମ କୃଷି ପ୍ରଣାଳୀର ଟିପ୍ସ ଶିଖାଇବାକୁ ପଡ଼ିବ ଆଜିର ଯୁବପିଢି ସେମାନଙ୍କର ଅଧିକାଂଶ ସମୟ ଇଣ୍ଟରନେଟ୍, ଟ୍ୱିଟର ଏବଂ ୟୁଟ୍ୟୁବରେ ବିତାଇଥାନ୍ତି । ଯୁବପୀଢ଼ି କୃଷି ପ୍ରଣାଳୀକୁ ହାଇ-ତୋବା ବୋଲି କହୁଛନ୍ତି। ଶାରୀରିକ ପରିଶ୍ରମ ଯୁବକମାନଙ୍କ ଗଳାରେ ଫାସ ବୋଲି ପରିଣତ ହଉଛି। କୃଷି ପ୍ରଣାଳୀ ମାନୁଆଲ ଶ୍ରମ ଆବଶ୍ୟକ କରେ ଏବଂ ପରେ ଫସଲରୁ ଆୟ ବହୁତ କମ୍, ଯେଉଁ କାରଣରୁ ଆଜିର ଯୁବକମାନେ କୃଷି ପ୍ରଣାଳୀରୁ ଦୂରେଇ ଯାଉଛନ୍ତି ବେରୋଜଗାରର ସେନା ରାଜ୍ୟରେ ପ୍ରାୟ ନଅ ଲକ୍ଷରେ ପହଞ୍ଚିଛି। ସରକାର ନିଜ ଇଚ୍ଛାନୁସାରେ ଦାବି କରିପାରନ୍ତି, କିନ୍ତୁ ଯେପର୍ଯ୍ୟନ୍ତ ଯୁବପିଢ଼ି କୃଷି ବ୍ୟବସ୍ଥା ସହିତ ଜଡିତ ନହୋଇଛନ୍ତି , ସେ ପର୍ଯ୍ୟନ୍ତ ବେକାରୀ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଯୁବକମାନେ ମଧ ସଠିକ୍ ଭାବରେ ବୁଝିବା ଉଚିତ୍ ଯେ ପ୍ରାଚୀନ କାଳରୁ ରହିଆସିଥିବା ସମୃଦ୍ଧ ଏବଂ ସୁସ୍ଥ କୃଷି ପରମ୍ପରାକୁ ଆମେ ମୁକ୍ତ କରିବା ଆବଶ୍ୟକ କାରଣ ଏହା ବିକାଶରେ ଏକ ଧାରା।

ଅନେକ ପିଢ଼ି ନିଜେ କୃଷି ପ୍ରଣାଳୀରୁ ଅଗ୍ରଗତି କରିଛନ୍ତି।ଏହି କୃଷି ପ୍ରଣାଳୀରେ ନିଶ୍ଚିତ ଭାବରେ କିଛି ବିଶେଷ ଏବଂ ସମୃଦ୍ଧ ଗୁଣ ରହିଅଛି ଯାହାକି ହଜାର ହଜାର ବର୍ଷ ଧରି ଲୋକଙ୍କୁ ଚାଷ ପ୍ରଣାଳୀ ସହିତ ସଂଯୋଗ କରିବାରେ ସଫଳ ହୋଇଥିଲା କିନ୍ତୁ, ବର୍ତ୍ତମାନମ୍ପାନୀଗୁଡିକର ଦାସ ହୁଅନ୍ତି । ଅଧିକାଂଶ କମ୍ପାନୀ ଯୁବକଙ୍କ ଶ୍ରମକୁ ମାତ୍ର ପାଞ୍ଚରୁ ଦଶ ହଜାର ଟଙ୍କାରେ କିଣୁଛନ୍ତି, ଆପଣଙ୍କୁ ଘରଠାରୁ ବହୁତ ଦୂରରେ କାମ କରିବାକୁ ପଡିବ ଏବଂ ୧୦ ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ କଠିନ ପରିଶ୍ରମ କରିବା ସମୟ ଆସିଛି ଯେତେବେଳେ ପରବର୍ତ୍ତୀ ପିଢ଼ି କୃଷି କ୍ଷେତ୍ରରେ ହସ୍ତାନ୍ତର ହେଉ ନାହାନ୍ତି । ଦେଶର ବିକାଶରେ କୃଷିର ଗୁରୁତ୍ୱକୁ ବୁଝିବା ଆବଶ୍ୟକ। ଆଜିର ଯୁବକମାନେ କିଛି ଟଙ୍କା ଚାକିରି ପାଇଁ ଘରୋଇ ସଂସ୍ଥାକୁ ଯିବାକୁ ପଡିବ।ଯଦି ଯୁବକମାନଙ୍କୁ

ସଠିକ୍ ମାର୍ଗଦର୍ଶନ କରା ଯାଇଥାଏ, ତେବେ ସେମାନେ ଏହି ଅପ୍ରତ୍ୟାଶିତ ପଥରେ ଚାଲିବାଠାରୁ ରକ୍ଷା ପାଇପାରିବେ। ଜୀବନ ହେଉଛି ଜୀବନର ମୂଳ ସମୟ। ଯୁବକମାନଙ୍କର ଏହି ଶକ୍ତି ଘରୋଇ କମ୍ପାନୀ ଦ୍ୱାରା ପାଞ୍ଚରୁ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଶୋଷିତ ହୁଏ । ଏହା ଦ୍ୱାରା କମ୍ପାନୀଗୁଡ଼ିକ ଧନୀ ହେବା ସହ ଏବଂ ଯୁବପିଢ଼ିକୁ ଶୋଷଣ କରିବାରେ ସଫଳ ହୁଅନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଯୁବକମାନେ ମଧ୍ୟ ଗର୍ବର ସହିତ ଘରୋଇ କମ୍ପାନୀରେ କିଛି ଟଙ୍କା ପାଇଁ ଖୁସିରେ କାମ କରନ୍ତି । ଏଭଳି ପରିସ୍ଥିତିରେ ଯୁବପିଢିଙ୍କ ମନକୁ କୃଷି ବ୍ୟବସ୍ଥାକୁ ସ୍ଥାନାନ୍ତର କରିବା ସରକାରଙ୍କ ପାଇଁ ମଧ୍ୟ ଏକ ବଡ଼ ଆହ୍ୱାନ । ଯଦି କୃଷି ପ୍ରଣାଳୀକୁ ସଠିକ୍ ଭାବରେ ବିଶ୍ଲେଷଣ କରାଯାଏ, ତେବେ ଏହା ପାଣିପାଗ ଉପରେ ନିର୍ଭର କରେ, ପ୍ରାଚୀନ ଯନ୍ତ୍ରପାତିର ବ୍ୟବହାର, ଅନ୍ଧବିଶ୍ୱାସୀ ଚାଷ ପ୍ରଣାଳୀ ଏବଂ ଠିକ୍ ସମୟରେ ବିହନ ଏବଂ ଖତ ଉପଲବ୍ଧତା ଇତ୍ୟାଦି ଯୁବକମାନଙ୍କୁ କୃଷି ପ୍ରଣାଳୀରୁ ପୃଥକ କରିଥାଏ । ଯଦି ଏହି ସମସ୍ୟାର ସମାଧାନ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ମିଳେ, ତେବେ ରାଜ୍ୟର ଅର୍ଥନୀତିରେ ମଧ୍ୟଉନ୍ନତି ହୋଇପାରିବ। ଏହା ଦ୍ୱାରା ବେରୋଜଗାର ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ ,ଏହା ସହିତ, ବଜାରରେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ଏତେ ବ୍ୟଭିଚାର ଅଛି ଯେ ଏହାର ଆକଳନ କରିବା ମଧ୍ୟ କଷ୍ଟକର । ଯଦି ଯୁବକମାନେ କୃଷି ପ୍ରଣାଳୀ ଗ୍ରହଣ କରନ୍ତି, ତେବେ ଫଳ, ପନିପରିବା ଏବଂ ଖାଦ୍ୟ ସାମଗ୍ରୀର ଅଭାବ ଦୂର ହେବ, ବ୍ୟଭିଚାରକାରୀଙ୍କୁ ମଧ୍ୟଏଡ଼ାଇ ଦିଆଯାଇପାରିବ । ଏଥି ପାଇଁ ସରକାରଙ୍କୁ ଏକ ସ୍ୱତନ୍ତ୍ର ଯୋଜନା ଖୋଜିବାକୁ ପଡ଼ିବ ଯାହା ଯୁବକମାନଙ୍କୁ କୃଷି ସହିତ ଯୋଡିବାରେ ଅନେକ ମାତ୍ରାରେ ସହାୟକ ହେବ ଏବଂ ସେମାନ କୃଷିକୁ ଯେପରି ସେମାନଙ୍କର କ୍ୟାରିୟର ଭାବରେ ଗ୍ରହଣ କରି ପାରିବେ ସେ ପ୍ରତି ଧ୍ୟାନ ଦେବାକୁ ହେବ।

**ଫୁଲନଖରା, କଟକ**





# ବକରା ପୋକ
# କପା ଫସଲର ପ୍ରମୁଖ ଶତ୍ରୁ



ଭୁବନାନନ୍ଦ ଅଧିକାରୀ

**ଆ**ମ ରାଜ୍ୟରେ ଉତ୍ପାଦିତ ଅନେକ ଅର୍ଥକାରୀ ଫସଲ ମଧ୍ୟରୁ କପା ଫସଲ ଅନ୍ୟତମ । ରାଜ୍ୟର ପଶ୍ଚିମ ଭାଗରେ ଏହି ଫସଲ ବହୁଳ ମାତ୍ରାରେ ଉତ୍ପାଦିତ ହୋଇ ଆମ ଚାଷୀର ଜୀବନ ଧାରଣର ମାନ ନିର୍ଦ୍ଧାରଣ କରିଥାଏ । ପ୍ରତି ଫସଲ ପରି କପା ଫସଲରେ ମଧ କୀଟ ଜନିତ ସମସ୍ୟା ଦେଖାଯାଏ ଯାହା ଅମଳ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହି କୀଟର ନିୟନ୍ତ୍ରଣ ନିମନ୍ତେ ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ସମନ୍ୱିତ କୀଟ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ ।

କପାର ଅନେକ ଅନିଷ୍ଟକାରୀ କୀଟମାନଙ୍କ ମଧ୍ୟରେ ବକରା ପୋକ ପ୍ରଜାତି ଗୁଡ଼ିକ ଅନ୍ୟତମ । ସାଧାରଣତଃ ତିନି ପ୍ରକାରର ବକରା ପୋକ କପା ଫସଲରେ କ୍ଷତି ପହ□ାଇଥାଏ । ସେଗୁଡ଼ିକ ହେଲା ଆମେରିକୀୟ ବକରା ପୋକ, ଚିତ୍ରିତ ବକରାପୋକ ଓ ନାଲି ବକରା ପୋକ । ଏମାନଙ୍କ ଶୁକ ଯଥାକ୍ରମେ ସବୁଜ, ଫିକା ମାଟିଆ ଓ ଗୋଲାପି ବର୍ଣ୍ଣର ହୋଇଥାଆନ୍ତି । ଆମେରିକୀୟ ବକରା ପୋକର ଶୁକ ବିଭିନ୍ନ ବର୍ଣ୍ଣ ଧାରଣ କରିଥାଆନ୍ତି ଯାହାର ଦେହର ଉଭୟ ପାର୍ଶ୍ୱରେ ଗାର ରହିଥାଏ ।

କପା ଗଛର ପତ୍ର ଛୋଟ ଥିବା ଅବସ୍ଥାରେ ଛୋଟ ଶୁକ ଗୁଡ଼ିକ ପତ୍ରର ସବୁଜ କଣିକା ଖାଇ ପତ୍ର ନଷ୍ଟ କରିଥାଆନ୍ତି । ଆକ୍ରାନ୍ତ ଡାଳ ଗୁଡ଼ିକ ଝାଉଁଳି ପଡ଼େ । କଢ଼ ଝଡ଼ିପଡ଼େ । ଫଳରେ ଗୋଲାକାର ଛିଦ୍ର ଥାଏ । ଏହି ଛିଦ୍ରଟି ଶୁକର ମଳଦ୍ୱାରା ଆଚ୍ଛାଦିତ ହୋଇଥାଏ । ନାଲି ବକରା ଶୁକ ଫଳ ଭିତରେ ସମ୍ପୂର୍ଣ୍ଣ ପ୍ରବେଶ କରି ବିଶେଷ କ୍ଷତି କରିଥାଏ । କିନ୍ତୁ ଆମେରିକୀୟ ବକରା ଶୁକ ସାଧାରଣତଃ ଗୁଣ୍ଡ ସହ ଏହାର କିଛି ଅଂଶ ଫଳ ଭିତରେ ଥାଏ । ଆଉ ଅର୍ଦ୍ଧେକ ଫଳ ବାହାରେ ରହିଥାଏ ।

ପରିଚାଳନା ବ୍ୟବସ୍ଥା :

- ନିୟମିତ ସର୍ବେକ୍ଷଣ ଓ ଫସଲ କିଆରୀ ପର୍ଯ୍ୟବେକ୍ଷଣ ଜରୁରୀ । ପୋକର ଗତିବିଧି ଉପରେ ନଜର ରଖନ୍ତୁ ।
- ଗୋଟିଏ ସ୍ଥାନରେ ବାରମ୍ବାର କପାଚାଷ ନକରି ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ୍ ।
- ଗଭୀର ଚାଷ ଓ ପରିଚ୍ଛନ୍ନ ଚାଷ ପଦ୍ଧତି ଅବଲମ୍ବନ କରନ୍ତୁ ।

■ ଯନ୍ତା ଫସଲ ଭାବେ ଟମାଟୋ, ଭେଣ୍ଡି ଏବଂ ଅନ୍ତଃଫସଲ ଭାବେ ମକା, ଝୁଡ଼ଙ୍ଗ, ସୋୟାବିନ୍, ମୁଗ, ବିରି ଚାଷ କରନ୍ତୁ ।


■ ହେକ୍ଟର ପ୍ରତି ୧୦ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ

■ ଆକ୍ରାନ୍ତ ଫଳ, ଗଛ ଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ।

■ ହେକ୍ଟର ପ୍ରତି ୨୫ଟି ବାଉଁଶ କଣି ପୋତିଲେ ପକ୍ଷୀମାନେ ଆଶ୍ରୟ ନେଇଥାଆନ୍ତି ଓ ଶୁକ ଗୁଡ଼ିକୁ ଖାଇ ଦିଅନ୍ତି ।

■ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ହେକ୍ଟର ପିଛା ୧,୫୦,୦୦୦କୁ ୧୦ ଦିନ ଅନ୍ତରରେ କପା ବୁଣାର ୪୫ ଦିନ ପରଠାରୁ ତିନିଥର ପ୍ରୟୋଗ କରନ୍ତୁ ।

■ ଏଚ୍.ଏ.ଏନ୍.ପିଭି ଭୂତାଣୁ ଜାତ କୀଟନାଶକ ହେକ୍ଟର ପ୍ରତି ୨୫୦ ଶୁକ ସମତୁଲ ଫସଲରେ ୨୦ ଦିନ ମଧ୍ୟରେ ସିଂଚନ କଲେ ଆମେରିକୀୟ ବକରା ପୋକ ନିୟନ୍ତ୍ରିତ ହେବ ।



■ ବିଟି.କେ ନାମକ ବୀଜାଣୁ ଜାତ ଉତ୍ପାଦ ହେକ୍ଟର ପ୍ରତି ୨ କିଗ୍ରା ପ୍ରୟୋଗ କଲେ (ସିଂଚନ) ସମସ୍ତ ପ୍ରକାର ବକରା ପୋକ ଦମନ ସମ୍ଭବ ହୁଏ ।

- ନିମଶସ ଉଦ୍ଧୃତାଂଶ (୫%) ବା ନିମ୍ବଜାତ କୀଟନାଶକ ନିୟମିତ ସିଂଚନ କରନ୍ତୁ ।


■ଏତଦ୍ ଭିନ୍ନ ଯଦି ପୋକର ମାତ୍ରାଧିକ ଆକ୍ରମଣ ହୁଏ କେବେ ନିମ୍ନ କୀଟନାଶକ ଗୁଡ଼ିକୁ ଅଦଳବଦଳ କରି ସି□ନ କରନ୍ତୁ ।

କୀଟତ□ ବିଭାଗ,
ଓ.ୟୁ.ଏ.ଟି, ଭୁବନେଶ୍ୱର
ମୋ- ୯୫୮୩୨୮୫୪୯୯

| କୀଟନାଶକ | ହେକ୍ଟର ପ୍ରତି (୫୦୦ ଲିଟର ପାଣି) |
|---|---|
| ଫ୍ଲୁବେନ୍ ଡିଆମାଇଡ୍ ୩୯.୩୫% ଏସ୍.ସି | ୧୨୫ ମି.ଲି |
| କ୍ଲୋରାନ୍ ଟ୍ରାନିଲିପ୍ରୋଲ ୧୮.୫% ଏସସି | ୧୫୦ ମିଲି |
| ନୋଭାଲିଉରନ୍ ୧୦% ଇସି | ୧୦୦୦ମିଲି |
| ସ୍ପିନୋସାଡ୍ ୪୫% ଏସ.ସି | ୨୦୦ ମିଲି |
| ଇଣ୍ଡୋକସାକାର୍ବ ୧୫୦୮% ଇସି | ୫୦୦ ମିଲି |
| ଇମାମେକଟିନ୍ ବେନ୍‌ଜୋଏଟ୍ ୫% ଏସଜି | ୫୦୦ ଗ୍ରା |

# ପନିପରିବା ଫସଲରେ ଅଷ୍ଟପଦି କୀଟ ପରିଚାଳନା

ଏହି କୀଟ ର ୮ଟି ଗୋଡ ଥିବାରୁ ଏହାକୁ ଅଷ୍ଟପଦି କୁହାଯାଏ । ଏହାର ପ୍ରାଦୁର୍ଭାବ ମାର୍ଚ୍ଚ –ଏପ୍ରିଲ ମାସରେ ଅଧିକ ହୋଇଥାଏ । ଏମାନେ ପତ୍ର ର ତଳ ପାର୍ଶ୍ୱ ରେ ଅଣ୍ଡା ଦେଇଥାନ୍ତି ଆଉ ସେଥିରୁ ବାହାରି ପତ୍ରର ରସ ଶୋଷଣ କରନ୍ତି । ଫଳରେ ପତ୍ର ଟି ଶୁଖିକି ହଳଦିଆ ହେଇଯାଏ ଏବଂ ସିରାରୁ ଭାଙ୍ଗିଯାଏ ଶେଷ ରେ ଗଛରୁ ଅବେଳରେ ଝଡିପଡେ । ଅଧିକ ସଂକ୍ରମଣରେ ଗଛରେ ଉନ୍ନତମାନର ଫଳ ଆସିନଥାଏ ।




## ପରିଚାଳନା:

- ପ୍ରତିରୋଧି କିସମ ର ବିହନ ଲଗାନ୍ତୁ ।
- ଜମି ପ୍ରସ୍ତୁତ ସମୟରେ ଏକର ପ୍ରତି ୧-୨ କୁଇଣ୍ଟାଲ ନିମ୍ବ ପିଡିଆ ସହିତ ୧୨୦ କି .ଗ୍ରା ଯବକ୍ଷାରଯାନ,୮୦ କି.ଗ୍ରା ଫସଫେଟ ଓ ୧୦୦କି.ଗ୍ରା ପଟାସ ପ୍ରୟୋଗ କରିବା ଉଚିତ ।
- ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ।
- ସଂକ୍ରମିତ ପତ୍ର କୁ ଗଛ ରୁ ଛିଡେଇ ଦିଅନ୍ତୁ
- ଦୁର୍ବଳ କିମ୍ବା ଝାଉଁଳି ଯାଉଥିବା ଅକ୍ରାନ୍ତିତ ଗଛ ର ପ୍ରତିରୋଧକ ଶକ୍ତି ବଢ଼େଇବା ପାଇଁ ଉଚିତ ପରିମାଣରେ ଜଳସେଚନ କରନ୍ତୁ ।
- ଡ଼ାଇକୋଫୋଲ (୫ ମି.ଲି / ଲି) କିମ୍ବା ସଲଫର ପାଉଡର (୩ ଗ୍ରା / ଲି) କୁ ପାଣିରେ ମିଶେଇ ପତ୍ର ଉପରେ ସିଞ୍ଚନ କରନ୍ତୁ ।
- ଦୁର୍ବଳ କିମ୍ବା ଝାଉଁଳି ଯାଉଥିବା ଅକ୍ରାନ୍ତିତ ଗଛ ର ପ୍ରତିରୋଧକ ଶକ୍ତି ବଢଏଇବା ପାଇଁ ଉଚିତ ପରିମାଣ ରେ ଜଳସେଚନ କରନ୍ତୁ ।
- ଡ଼ାଇକୋଫୋଲ (୫ ମି.ଲି / ଲି) କିମ୍ବା ସଲଫର ପାଉଡର (୩ ଗ୍ରା / ଲି) କୁ ପାଣିରେ ମିଶେଇ ପତ୍ର ଉପରେ ସିଞ୍ଚନ କରନ୍ତୁ ।
- ବିଷାକ୍ତ କୀଟନାଶକ ପ୍ରୟୋଗ ନ କରି ଜୈବିକ କୀଟନାଶକ ବ୍ୟାସିଲସ ବ୍ୟବହାର କରି ମଧ କୀଟ ର ପ୍ରାଦୁର୍ଭାବ କମାଯାଇପାରିବ ।

ବିଷାକ୍ତ କୀଟନାଶକ ପ୍ରୟୋଗ ନ କରି ଜୈବିକ କୀଟନାଶକ ବ୍ୟାସିଲସ ବ୍ୟବହାର କରି ମଧ କୀଟର ପ୍ରାଦୁର୍ଭାବ କମାଯାଇପାରିବ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧାକ , ମିଟସ୍ , ରାୟଗଡ଼ା

# ଚାଷୀଙ୍କୁ ଅମଳର ରାହା ଯୋଗାଉଛନ୍ତି ସ୍ନିଗ୍ଧା



ଦିନେ ତା' ପାଇଁ ସବୁଜ ବିପ୍ଲବର ଆଦ୍ୟ ଧ୍ୱନି ସାରା ବିଶ୍ୱକୁ ପ୍ରକମ୍ପିତ କରିଥିଲା । ସେ ସାଜିଥିଲା ସବୁଜ ବିପ୍ଲବର ମହାନାୟକ । ତା'ରି ପାଇଁ ବନ୍ଧ୍ୟା ଜମିରେ ମହମହ ହୋଇ ସବୁଜିମାର ବାସ୍ନା ମହକି ଉଠେ । ଦରଦୀ ପ୍ରାଣରେ ସେ ସଂକଳ୍ପର ଶୁଭଶଙ୍ଖ ଫୁଙ୍କୁଥାଏ ପ୍ରତିଟି ସମୟରେ । ତା'ରି ପାଇଁ ଧାନ କ୍ଷେତରେ ପାଚିଲା କେଣ୍ଡା ଫରଫର ହୋଇ ଉଡୁଥାଏ ତ ତା'ରି ପାଇଁ ସୋରିଷ କ୍ଷେତ ସୁବର୍ଣ୍ଣର ପଟୁଆରରେ ଝଲସୁଥାଏ । ସେ ସମାଜର ମଙ୍ଗୁଆଳ । ସେ ଚାଷୀ। ଚାଷୀ ଚାଷ କରେ କିନ୍ତୁ ଅମଳ ଉପରେ ନିଜର ହକ୍ ଜାହିର କରିପାରେ ନାହିଁ । ପ୍ରତିବନ୍ଧକ ହେଉ କି ଅନ୍ୟ କିଛି ଅସୁବିଧା , ସବୁକିଛିକୁ ସହ୍ୟ କରି କ୍ଷେତରେ ସଂଗ୍ରାମ କରୁଥାଏ ଚାଷୀ। ମାନବିକତାର ଉଦାହରଣ ଦେବାକୁ ଯାଇ ଚାଷୀଙ୍କୁ ସହାନୁଭୂତି ଦେଖାଇବାର ଦୃଷ୍ଟାନ୍ତ ଅନେକ ଦେଖିବାକୁ ମିଳେ । କିନ୍ତୁ ପ୍ରକୃତ କ୍ଷେତ୍ରରେ ତୃଣମୂଳ ସ୍ତରକୁ ଯାଇ ଚାଷୀଙ୍କ ପାଖରେ ପହଁଚି ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏକ ଉନ୍ନତ ଓ ପରିବ୍ୟାପ୍ତ ସୁଯୋଗର ମାର୍ଗ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବହୁତ କମ୍ । ସେମିତି ଜଣେ ନିଆରା ବ୍ୟକ୍ତିତ୍ୱ ଯାହାଙ୍କ ହୃଦୟ ଚାଷୀଙ୍କ ପାଇଁ ସମର୍ପିତ – ସେ ସ୍ନିଗ୍ଧାରାଣୀ ପାତ୍ର(୭୯୯୫୭୩୮୨୦୪) ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ବୈଷୟିକ କୃଷିରୁ ସ୍ନାତକ ଶିକ୍ଷା ଲାଭ ପରେ ମନରେ ଚାଷୀଙ୍କ ପାଇଁ କାମ କରିବାର ଆଶା ସଂଚାର ହୋଇଥିଲା । ଆଉ ସେ ଆଶାକୁ ବାସ୍ତବିକତାର ରୂପ ଦେବାକୁ ଯାଇ ସେ ଆରମ୍ଭ କରିଥିଲେ ଏଗ୍ରିସୋଲ୍ ନାମକ କମ୍ପାନୀ(ଷ୍ଟାର୍ଟ ଅପ ସ୍ୱୀକୃତିପ୍ରାପ୍ତ) । ଜୈବିକ ଉପାୟରେ ଚାଷୀଙ୍କର ଆୟକୁ ଦ୍ୱିଗୁଣ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ପ୍ରୟାସ ବର୍ତ୍ତମାନ ସାରା ଓଡ଼ିଶାରେ କୃଷି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜିଛି । ଚାଷୀ ହସୁଛି ଆଉ କ୍ଷେତ ବି ମହକୁଛି । ଜଣେ ମହିଳା ହୋଇ ଯୁବସମାଜ ପାଇଁ ଉଦ୍ୟୋଗୀକରଣର ସଂଜ୍ଞାକୁ ବେଶ ନିରିଖେଇ ବୁଝେଇଦେଇଛନ୍ତି ସ୍ନିଗ୍ଧା । ଚାଷୀ ଓ ଚାଷର ଗହନ କଥାକୁ ବୁଝି ଓଡ଼ିଶାର ବିଭିନ୍ନ ଗାଁ ମାନଙ୍କରେ ଚାଷୀମାନଙ୍କ ସହ ଯୋଡ଼ିହେବାକୁ ଚେଷ୍ଟା କରୁଛନ୍ତି । ୨୦୧୮ରୁ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ମଂଜି ବୁଣି ଶେଷରେ ବର୍ତ୍ତମାନ ସମୟରେ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ନିକଟତର ହୋଇପାରିଛନ୍ତି । ମନରେ ଅସୁମାରୀ ଆଶା ଆଉ ତା' ସହ ଚାଷୀକୁଳର ସେବା ପାଇଁ ନିଜକୁ ଯୋଡ଼ିହେବାର ଆକାଂକ୍ଷା – ଏସବୁକୁ ପାଥେୟ କରି ସେ ସୃଷ୍ଟି କରିଛନ୍ତି ଏକ ଅଭିନବ ଉଦାହରଣ

**ପ୍ରଃ କୃଷି ସ୍ନାତକ ପରେ ଆପଣ ଏମିତି ଏକ ପଦକ୍ଷେପ ନେବାକୁ କ'ଣ ପାଇଁ ଚିନ୍ତା କଲେ ?**



ଉ: ଆମ ସଭ୍ୟତାର ମାନଦଣ୍ଡ ହେଉଛି ଚାଷୀ । ତେଣୁ ଚାଷୀଙ୍କ ପାଇଁ ଚିନ୍ତା କରିବାର ସମୟ ଏବେ ଆସିଛି । ସେମାନଙ୍କୁ ପ୍ରତିଟି ସ୍ତରରେ ସୁଯୋଗ ଦେବା ସହ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ହେବ । ଏହି ଉପକ୍ରମରେ ମୁଁ ପ୍ରଥମେ ଚିନ୍ତା କଲି ଚାଷୀଙ୍କର ଆୟକୁ କିପରି ଦ୍ୱିଗୁଣିତ କରିହେବ । ତେଣୁ ଏମିତି ଏକ ପଦକ୍ଷେପ ନେବାକୁ ସ୍ଥିର କଲି । ଯାହା ସମ୍ପୂର୍ଣ୍ଣ ଜୈବିକ ଉପାୟରେ ପ୍ରସ୍ତୁତ । ଯଦି ଜଣେ ଚାଷୀର କ୍ଷେତରେ ରୋଗ ପୋକର ସମୂଳ ନାଶ ହୋଇପାରିଲା , ତେବେ ଏହା ଅମଳକୁ ବଢ଼େଇପାରିବ । ମୋର ପ୍ରଥମ ଲକ୍ଷ୍ୟ ଥିଲା କିପରି ଚାଷୀଙ୍କ ଉପଯୋଗ ମୂଲ୍ୟକୁ କମ୍ କରି ସେମାନଙ୍କ ଉତ୍ପାଦିତ ମୂଲ୍ୟକୁ ଅଧିକ କରିବା । ତେଣୁ ଯଦି ଚାଷୀଙ୍କର ଆୟ ଦ୍ୱିଗୁଣିତ ହୋଇପାରିଲା , ତେବେ ଦେଶ ଅର୍ଥନୀତିର ବିକାଶ ହୋଇପାରିବ ।

**ପ୍ରଃ ଇକୋ ଏନ୍ ରିଚ୍ କଣ ? ଏହା କିପରି ଚାଷୀଙ୍କୁ ସାହାଯ୍ୟ କରିପାରିବ ?**

ଉ: ଆମେ ପ୍ରଥମେ ଚେଷ୍ଟା କରିଛୁ ଜୈବିକ ଉପାୟରେ ଚାଷୀମାନଙ୍କୁ ସାହାଯ୍ୟ ରିବ ପାଇଁ । ଇକୋ – ଏନ-ରିଚ୍ ଏମିତି ଏକ ଦ୍ରବ୍ୟ ଯାହାକୁ ଚାଷୀମାନେ ସବୁ ଫସଲରେ ବ୍ୟବହାର କରିପାରିବେ । ଏହା ପରିବେଶ ଅନୁକୂଳ ହେବା ସହମୃ©କାରଉର୍ବରତା ବି ବଢ଼େଇଥାଏ । ଯେହେତୁ ଏହା ଜୈବିକ ଉପାୟରେ ପ୍ରସ୍ତୁତ ତେଣୁ ଫସଲର ରୋଗ ପୋକ ସଂଖ୍ୟା ବି ଅନେକ ମାତ୍ରାରେ କମ୍ ହାଇ ପାରୁଛି । ଏହା ପରିବେଶ ସନ୍ତୁଳନକୁ ରକ୍ଷା କରିବା ସହ କୃଷି କ୍ଷେତ୍ରରେ ଏକ ବିପ୍ଳବ ଆଣିବ ବୋଲି ମୋର ଆଶା ।ଉର୍ବରତା ବି ବଢାଇଥାଏ । ଯେହେତୁ ଏହା ଜୈବିକ ଉପାୟରେ ପ୍ରସ୍ତୁତ ତେଣୁ ଫସଲର ରୋଗ ପୋକ ସଂଖ୍ୟା ବି ଅନେକ

ମାତ୍ରାରେ କମ୍ ହାଇ ପାରୁଛି । ଏହା ପରିବେଶ ସନ୍ତୁଳନକୁ ରକ୍ଷା କରିବା ସହ କୃଷି କ୍ଷେତ୍ରରେ ଏକ ବିପ୍ଳବ ଆଣିବ ବୋଲି ମୋର ଆଶା ।

***ପ୍ର: ଓଡ଼ିଶାର ବିଭିନ୍ନ ଗାଁ ମାନଙ୍କରେ ଚ଼ାଷୀଙ୍କ ସହ କିପରି ଯୋଡ଼ିହେଉଛନ୍ତି ?***

ଉ: ଯେବେ ଏହାକୁ ଆରମ୍ଭ କରିବାର ଯୋଜନା କରିଥିଲି ସେତେବେଳ ଏହା ବରଗଡ଼ରୁ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସମୟରେ ଓଡ଼ିଶାର ତିରିଶଟି ଜିଲ୍ଲାରେ ଏହା କାର୍ଯ୍ୟ କରୁଛି । ଚ଼ାଷୀ ମାନେ ବି ବେଶ ଆଗ୍ରହର ସହ ଆମକୁ ସ୍ୱାଗତ କରୁଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲା ମାନଙ୍କରେ ଆମର ସଂଯୋଜକ ମାନେ ଅଛନ୍ତି । ସେମାନଙ୍କ ସହାୟତାରେ ଆମେ ଗାଁ ମାନଙ୍କରେ ଚ଼ାଷୀଙ୍କ ସହ ମିଶି କଥା ବାର୍ତ୍ତା ହେବା ସହ ଇକୋ-ଏନରିଚ୍ର ଉପଯୋଗିତା ବିଷୟରେ ସବିଶେଷ ତଥ୍ୟ ବି ଦେଉଛୁ । ଏହା ଦ୍ୱାରା ଚ଼ାଷୀ ବି ଆମ ସହ ଯୋଡ଼ିହେବାକୁ ସ୍ୱତଃ ଇଚ୍ଛା ବ୍ୟକ୍ତ କରୁଛନ୍ତି । ଆଶା କରୁଛି ଆଗକୁ ଓଡ଼ିଶାର ସବୁ ଅଂଚ଼ଳ ମାନଙ୍କରେ ପହଁଚ଼ିବୁ ଓ ଚ଼ାଷୀର ଆୟକୁ ଦ୍ୱିଗୁଣ କରିବାକୁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବୁ ।

***ପ୍ର: କୃଷି କ୍ଷେତ୍ର ଓ ଇକୋ ଏନ ରିଚ୍ – ଏହାକୁ ଆପଣ କିପରି ଦେଖୁଛନ୍ତି ?***

ଉ: କୃଷି କ୍ଷେତ୍ରରେ ଇକୋ ଏନ ରିଚ୍ ଏକ ଆରମ୍ଭ ମାତ୍ର । ଏହାକ ଅଧିକ ଲୋକାଭିମୁଖୀ କରିବା ପାଇଁ ଆମେ ଚେଷ୍ଟିତ । କୃଷି କ୍ଷେତ୍ରରେ କ୍ଷୁଦ୍ର ଚ଼ାଷୀ ହେଲେ ବି ସେମାନେ ଏହାକୁ ସହଜରେ ବ୍ୟବହାର କରିପାରିବେ । ଫୋଲିଆର ସ୍ପ୍ରେରେ ଏହାକୁ ଚ଼ାଷୀ ମାନେ କ୍ଷେତରେ ବ୍ୟବହାର କରିପାରିବେ । ଦ୍ୱିତୀୟରେ ସହରାଂଚ଼ଳ କୃଷି ଯଥା ପାକଶାଳା ବଗିଚ଼ା , ରୁଫଟପ୍ ଗାଡେର୍ନିଂ ଏମିତି କାର୍ଯ୍ୟରେ ମଧ୍ୟ ଉପଯୋଗ କରିହେବ। ତେଣୁ ଚ଼ାଷୀମାନେ ଏହାକୁ ଆପଣେଇବାକୁ ବେଶ ଆଗ୍ରହ କରୁଛନ୍ତି । ମୋ ଟିମ ସଦସ୍ୟ ମାନଙ୍କର ଅକୁଣ୍ଠ ସହଯୋଗ ଓ ସମଗ୍ର ଚ଼ାଷୀକୁଳର ସ୍ନେହ ଓ ଆଶୀର୍ବାଦ ପାଇଁ ଏହା ଜନପ୍ରିୟ ହାଇପାରିଛି

***ପ୍ର:ଶ୍ୟାମଳ ସୁବର୍ଣ୍ଣ ଉପରେ ଆପଣ କ'ଣ ମତାମତ ଦେବେ ?***

**ଉ:** କୃଷି ଛାତ୍ର ମାନଙ୍କର ଏମିତି ଏକ ପଦକ୍ଷେପ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ଓଡ଼ିଶାର ଚ଼ାଷୀମାନଙ୍କ ପାଖରେ ଅଧିକରୁ ଅଧିକ ପହଁଚୁ , ଆଗକୁ ଅନେକ ସଫଳତା ପାଉଁଚୁ , ଏତିକି କାମନା ।

# ଜୀବିକା ଓ ସମ୍ଭାବନାର ସୋରଡ଼ା ଜଳଭଣ୍ଡାର



ଚଳମାନ ଶୀଳ ନଦୀଧାରରେ ବନ୍ଧ ନିର୍ମାଣ ପୂର୍ବକ ଜଳ ସଂଗ୍ରହ ନିମନ୍ତେ ସୃଷ୍ଟ ସ୍ଥାନକୁ ଜଳ ଭଣ୍ଡାର କୁହାଯାଏ। ମୁଖ୍ୟତଃ ଏହା ତିନୋଟି ଶ୍ରେଣୀରେ ଅନ୍ତର୍ଭୁକ୍ତ: ଯଥା , ବୃହତ୍ (୫୦୦୦ ହେକ୍ଟର) , ମଧ୍ୟମ (୧୦୦୦-୫୦୦୦ ହେକ୍ଟର) ଓ କ୍ଷୁଦ୍ର (୧୦୦୦ ହେକ୍ଟର)ଆୟତନ ଅନୁସାରେ । ଜଳ ଭଣ୍ଡାର ପ୍ରମୁଖ ଭାବରେ ପାନୀୟ ଜଳ ଯୋଗାଣ , ଜଳ ସେଚନ, ମଧୁର ଜଳ ମତ୍ସ୍ୟ ଉତ୍ପାଦନ ରେ ବ୍ୟବହୃତ ହୋଇଥାଏ। ନଦୀ ସହ ସଂଯୋଜିତ ହୋଇଥିବାରୁ ଏହା ମୌସୁମୀ ର ଆଗମନ ରେ ଜଳମଗ୍ନ ହୋଇଥାଏ। ଯାହାକି ଜୈବ ବିବିଧତା ଓ ମତ୍ସ୍ୟ ଉତ୍ପାଦନ ଦୃଷ୍ଟିକୋଣ ରୁ ଅତ୍ୟନ୍ତ ଆବଶ୍ୟକ । ଏହା ଅନ୍ତର୍ଦେଶୀୟ ଜଳ ବ୍ୟବସ୍ଥାର ଅଂଶ ବିଶେଷ।

## ଭୌଗୋଳିକ ଅବସ୍ଥିତି:

ଗଞ୍ଜାମ ଜିଲ୍ଲାର ଉ©ର ପଶ୍ଚିମ ଦିଗରେ ସୋରଡ଼ା ବ୍ଲକ ଅନ୍ତର୍ଗତ ଏହି ଜଳଭଣ୍ଡାର ଆୟତନ ଦୃଷ୍ଟିରୁ କ୍ଷୁଦ୍ର ଜଳଭଣ୍ଡାର ଶ୍ରେଣୀଭୁକ୍ତ(୪୦୦ ହେକ୍ଟର) ନିକଟସ୍ଥ ପଦ୍ମ ନଦୀ ର ଧାରା ଉପରେ ୫୮୧୫ ମିଟର ଦୀର୍ଘ ବନ୍ଧ ନିର୍ମାଣ ଦ୍ୱାରା ଗଠିତ ହୋଇଛି। ବ୍ରହ୍ମପୁର ଠାରୁ ପ୍ରାୟ ୮୦ କି. ମି. ଦୂର ଏହି ଜଳଭଣ୍ଡାର ର ଗଭୀରତା ହାରାହାରି ୩୭.୫ ଫୁଟ । ଏହି ପଦ୍ମା ନଦୀ ଦ୍ୱାରା ଜଳମୟ ହେଉଥିବା ବେଳେ ଜରାଉ ନଦୀ ଦ୍ୱାରା ଅତିରିକ୍ତ ଜଳ ନିଷ୍କାସିତ ହୁଏ। ଘାଇ ର ଚାରିପାଖରେ ସୋରଡ଼ା, ବୁଗୁଡ଼ା, ପଙ୍କଳବାଡି, ମାଳତୀ ପାଟଣା , ଖିଲାବାଡି, ବୋରାଶିଂହି,ଅମୃତୁଲୁ ଇତ୍ୟାଦି ଗାଆଁ ସମୂହ ରହିଛି।

## ମତ୍ସ୍ୟ ସମ୍ବଳ:

ପୁରାତନ କାଳ ରୁ ସୋରଡ଼ା ମାଟି ନିଜର ବାଉଁଶ, ଆଖୁ, ମକ, ଆମ୍ବ, ହଳଦୀ, ମୁଗ ଇତ୍ୟାଦି ପାଇଁ ଖାସ୍ ଜଣାଶୁଣା। ଏହା ବ୍ୟତୀତ ' ଘାଇ' ର ମାଛ ର ଗୁଣବ©ା,ସ୍ୱାଦ ନିଆରା, ବଜାର ଚାହିଦା ମ୍ଭ ସର୍ବାଧିକ। ଭାକୁର, ରୋହି, ମିରିକାଳି, ମହୁରାଳି, ବାଉଁସପତରି, କେରାଣ୍ଡି, ବୋରିଆ, ଦଣ୍ଡିକିରି, କଳାବଇଁଶୀ, ଗୁଡ ଖାଇ, ତୋଡି,ଗଡ଼ିଶା, ଶେଉଳ, ବାଲିଗେରେଡ, ଚାନ୍ଦି, କଣ୍ଟିଆ, ସିଂଘି, ବାଳିଆ ଆଦି ମାଛ ସହ ମଧୁର ଚିଙ୍ଗୁଡ଼ି ମଧ୍ୟମ ପ୍ରଚୁର ପରିମାଣ ରେ ମିଳିଥାଏ। ମାଛଧରା ନିମନ୍ତେ ସାଧାରଣତଃ ଅଗଭୀର,ସନ୍ତସନ୍ତିଆ ସ୍ଥାନ ରେ ବାଜ, ଘୋଣୀ, ସେପେଟି ଆଦି ବ୍ୟବହୃତ ହୋଇଥାଏ।

## ଇତିହାସ ଓ ଲୋକ କଥା:

ଲୋକଲୋଚନରେ ସୋରଡ଼ା ଏକ ଦେବ ଭୂମି। ସଂଖ୍ୟାଧିକ ମନ୍ଦିର ସମୂହ ଏହାକୁ ମନ୍ଦିର ମାଳିନୀ କରି ଗଢି ତୋଳିଛି, ଯାହାକି ଅନ୍ତେବାସୀଙ୍କ ର ଆତ୍ମିକତା ର ନିଦର୍ଶନ। ସର୍ବଧର୍ମସମନ୍ୱୟ ସୋରଡ଼ା ତାର ଜଳଭଣ୍ଡର ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି।ମାଛର ଅହେତୁକ ଚାହିଦା ହେତୁ ପ୍ରମୁଖ ଶକ୍ତି ପୀଠ ତାରାତାରିଣୀ ଙ୍କ ମନ୍ଦିର କୁ ତମ୍ବାଶି, କଳା ବଇଁଶୀ ଆଦି ମାଛ ଭୋଗ ପାଇଁ ପଠାଯାଇଥିବା ର( ଶାରଦୀୟ ଦୁର୍ଗାପୂଜା ସମୟ ରେ) ଲୋକ କଥା ରହିଛି। କାରଣ ଓଡ଼ିଶା ର ଶକ୍ତି ପୂଜା ସହ ମାଛ ର ବ୍ୟବହାର ଜଡ଼ିତ। ପୂର୍ବରୁ ଅନେକ ରାଜା,ଜମିଦାର ମାନେ ସୋରଡ଼ା ଜଳଭଣ୍ଡାର ର ପ୍ରାକୃତିକ ପରିବେଶ ରେ ମୁଗ୍ଧ ହୋଇ ଏହାକୁ ଶୈଳନିବାସ/ ଗ୍ରୀଷ୍ମ ଅବକାଶର ଆଖ୍ୟା ଦେଇଥିଲେ।କାରଣ କ୍ଲାନ୍ତ ଶ୍ରାନ୍ତ,ବ୍ୟୟବହୁଳ ଜୀବନ ଚର୍ଯ୍ୟା ରେ ଶାନ୍ତ ସୁଶୀତଳ ପ୍ରାକୃତିକ କୋଳରେ ହଜିଯିବାକୁ ସମସ୍ତଙ୍କର ଆଶା ଓ ଆକାଂକ୍ଷା ରହିଛି।



## ଉପଭୋକ୍ତା ଓ ତତ୍ତ୍ୱାବଧାନ:

ଏହି ଜଳଭଣ୍ଡାର soroda Taluk Primary Fisherman cooperative Society(PFCs) ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ,ଏହା ୧୯୪୯ ମସିହା ଠାରୁ ରେଜିଷ୍ଟ୍ରିଭୁକ୍ତ ହୋଇଛି । ଏହାର ଆଖପାଖ ସମସ୍ତ ଗାଆଁ ର ୩୦୪ ସକ୍ରିୟ ମତ୍ସ୍ୟଜୀବୀ (୨୩୨ ପୁରୁଷ ଓ ୭୨ ମହିଳା) ଅନ୍ତର୍ଭୁକ୍ତ; ଯେଉଁମାନଙ୍କ ର ଜୀବିକା ସମ୍ପୂର୍ଣ୍ଣ ଭାବରେ ଘାଇ ଉପରେ ନିର୍ଭରଶୀଳ। ଚରଉତ୍ସ ମୁଖ୍ୟତଃ ମାଛଧରା ରେ ପୂର୍ଣ୍ଣ ପରିବାର ସହଯୋଗିତା, ଜୀବିକାନିର୍ବାହ, ମହିଳା ସଶକ୍ତିକରଣ ଓ ଉତ୍ପାଦର ସଠିକ୍ ବଜାରିକରଣ ଉପରେ ପ୍ରାଧାନ୍ୟ ଦେଇଥାଏ। ସରକାରଙ୍କ ତରଫରୁ ମତ୍ସ୍ୟଜୀବୀଙ୍କୁ ରଜଚ ଡଙ୍ଗା, ମାଛ ଧରା ଜାଲ, କ୍ଷସଲର ହବମଲରତ୍ସ ପ୍ରଦାନ କରାଯାଇଛି।

## କିଛି ସମ୍ଭାବନା:

ମାଛ ଚାଷ ଉପଯୋଗୀ ଏହି ଜଳଭଣ୍ଡାର ରେ ଉନ୍ନତ କିସମର ଜାଁଆଳ ବ୍ୟବହାର କରାଗଲେ ଉତ୍ପାଦନ ଅହେତୁକ ଭାବରେ ବୃଦ୍ଧି ପାଆନ୍ତା। ମାତ୍ର ବର୍ତ୍ତମାନ ର ଉତ୍ପାଦନ ପ୍ରାୟତଃ ପ୍ରାକୃତିକ ଭାବରେ ନିର୍ଭରଶୀଳ। ଏଣୁ ବଜାର ଚାହିଦାଯୁକ୍ତ ମାଛର ଜାଁଆଳ ଆବଶ୍ୟକ କରେ ଏଇ ଜଳଭଣ୍ଡାର। ଫାଇଲିନ, ଫନି ପରି ପ୍ରାକୃତିକ ଦୁର୍ବିପାକ ଏହାର ଜୈବ ବିବିଧତା କୁ ବିଗାଡି ଦେଇଛି, ଏଣୁ ଏହାର ଚିରସ୍ଥାୟୀ ବ୍ୟବସ୍ଥା ଆବଶ୍ୟକ। ଯାହାଦ୍ୱାରା ଉଭୟ ଉତ୍ପାଦ ଓ ସ୍ଥାନ ର ଚାହିଦା ବୃଦ୍ଧି ସହ ପର୍ଯ୍ୟଟନ ମାନଚିତ୍ର ରେ ନିଆରା ଛାପ ସୃଷ୍ଟି କରିବାର ଆଶା ରହିଛି।


ଜଳଭଣ୍ଡାର ର ଚତଃପାର୍ଶ୍ୱର ନବୀକରଣ ତଥା ଅଧିକ ସୌନ୍ଦର୍ଯ୍ୟ କରଣ ପ୍ରକ୍ରିୟା ଜାରି ରହିଛି; ଯାହାକି ପର୍ଯ୍ୟଟକ ଙ୍କ ପାଇଁ ସର୍ବଦା ସ୍ୱାଗତଯୋଗ୍ୟ। ବିଗତ କିଛି ବର୍ଷ ରେ ଛାତ୍ରଛାତ୍ରୀମାନେ ଏହି ଜଳଭଣ୍ଡାର କୁ ଭିତ୍ତି କରି ବିଭିନ୍ନ ଦିଗରେ ସେମାନଙ୍କର ତଥ୍ୟ ସଂଗ୍ରହ, ଗବେଷଣା କରିଛନ୍ତି। ଭବିଷ୍ୟତ ରେ ଏଠାକାର ଆମୋଦ ଉଦ୍ୟାନ ର ସମ୍ପ୍ରସାରଣ, ସନ୍ଧ୍ୟା ଭ୍ରମଣ , ନୌବିହାର ଆଦିର ନିରବିଚ୍ଛିନ୍ନ ଭାବରେ ଯୋଗାଇଦେବାର ବ୍ୟବସ୍ଥା ଚାଲୁରହିଛି।ଏଣୁ ଯଥାର୍ଥ ରେ କୁହା ଯାଇଛି -

"ସୋରଡ଼ା ଘାଇ ଏମିତି ସ୍ଥାନ
ଦର୍ଶନୀୟ ତାର ପାହାଡି ଉଦ୍ୟାନ,
ମତ୍ସ୍ୟସମ୍ପଦ କୁ ପଦ୍ମର ବଣ
ସୌନ୍ଦର୍ଯ୍ୟ- ଜୀବିକା ର ମହାମିଳନ
ଦେଖିଲେ ପୂରିବ ମନ ପ୍ରାଣ।"

ଶ୍ରୀ ପ୍ରିୟରଞ୍ଜନ ସାହୁ
ସ୍ନାତକୋତ୍ତର (ଜଳ ଜୀବ ପାଳନ)
ରସୁଲଗଡ଼,ଭୁବନେଶ୍ୱର
ମୋ - ୮୯୧୮୦୨୭୭୫୬

**(‘କୃଷିର ବିକାଶ କୃଷକର ବିକାଶ’ ମନ୍ତ୍ରରେ ତୂର୍ଯ୍ୟନାଦ ଫୁଙ୍କୁଥିବା ‘ଶ୍ୟାମଳ ସୁବର୍ଣ୍ଣ’ ସବୁବେଳେ କୃଷି ଓ କୃଷକ ମାନଙ୍କୁ ଅଗ୍ରାଧିକାର ଦେଇଆସିଛି । କୃଷି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସଫଳ କୃଷକମାନଙ୍କର ସଫଳତାର କାହାଣୀ ଜାଣିବାକୁ ଆମେ ଚେଷ୍ଟା କରିଛୁ । ଏଥର ଏକାଦଶ ସଂଖ୍ୟାର ବିଶେଷ ପୃଷ୍ଠାରେ ସେହିପରି ଜଣେ ସଫଳ ବ୍ୟକ୍ତିତ୍ୱଙ୍କ ଅନନ୍ୟ ଉଦ୍ୟମର ଗାଥା ଓ କାହାଣୀ ସହିତ ସ୍ୱତନ୍ତ୍ର ସାକ୍ଷାତକାରରେ ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ ।)**

# ସାକ୍ଷାତକାର....



ନାମ :- **ପ୍ରମୋଦ କୁମାର ପାଢ଼ୀ**

ପିତା: ପଦ୍ମଲୋଚନ ପାଢ଼ୀ

ମାତା: ଅନୁପମା ପାଢ଼ୀ

ବୟସ: ୫୩

ପୁତ୍ର, କନ୍ୟା: ପ୍ରତିଭାରାଣୀ ପାଢ଼ୀ, ପ୍ରଭାତୀ ପ୍ରଭାକର ପାଢ଼ୀ

ସ୍ଥାନ: ଚୂଡ଼ାମଣି, ବାସୁଦେବପୁର, ଭଦ୍ରକ- ୭୫୬୧୨୫

ବୃ : ଶିକ୍ଷକତା (ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚଡିହା, ବାସୁଦେବପୁର, ଭଦ୍ରକ)

ମୋ- ୯୮୬୧୬୧୪୦୩୨

**ପ୍ର:- *ଶିକ୍ଷକତା ପେଶା, ଚାଷ ନିଶା- ଏହା ଆପଣଙ୍କର ଆଦର୍ଶ କ’ଣ ପାଇଁ?***

ଉ:- ମୋ ବାପା ଜଣେ ଶିକ୍ଷକ ଥିଲେ ମଧ୍ୟ ସେ ଚାଷ କରିବାକୁ ଭଲ ପାଆନ୍ତି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋ ଘର ପାଖରେ ଥିବା ବାଡ଼ିରେ ମୁଁ କିଛି ପନିପରିବା ଚାଷ ଆରମ୍ଭ କଲି । ଅବସର ସମୟରେ ଏଥିରେ ନିଜକୁ ନିୟୋଜିତ କରିବା ପାଇଁ ଚିନ୍ତା କଲି । ଜଣେ ବିଜ୍ଞାନ ଶିକ୍ଷକ ଭାବେ ମୁଁ ଏହାକୁ ସାଦରେ ଗ୍ରହଣ କରିଛି । ଆଉ ଏବେ ଏସବୁ ମୋର ନିଶା ହୋଇଯାଇଛି ।

**ପ୍ର:- *ଆପଣଙ୍କର କେତେ ଏକର ଜାଗା ଅଛି । କ’ଣ କ’ଣ ଚାଷ କରନ୍ତି ଓ ସେଥିରୁ କେତେ ଲାଭ ପାଇଥାନ୍ତି ?***

ଉ:- ସର୍ବମୋଟ ୨୦ ଡିସିମିଲ ଜାଗାରେ ମୁଁ ଚାଷ କରୁଛି । ବିଭିନ୍ନ ଋତୁରେ ବିଭିନ୍ନ ଫସଲ ଚାଷ କରୁଛି । ମୁଖ୍ୟତଃ ଏବେ ଓଲ, ଜହ୍ନି, ଭେଣ୍ଡି, କାକୁଡ଼ି ପ୍ରଭୃତି ଚାଷ କରୁଛି । ଜୈବିକ ପଦ୍ଧତିରେ ମୁଁ ସବୁ କିଛି ଚାଷ କରୁଛି ଏବଂ ବିଗତ ୫ ମାସରେ ମୁଁ ୧୦୦୦୦ ଟଙ୍କାର ପରିବା ବିକ୍ରି କରିଛି ।

***ପ୍ରଃ- ଆପଣ କେଉଁ କେଉଁ ଉପାୟରେ ଜୈବିକ ଚାଷ କରୁଛନ୍ତି ? କ'ଣ ପାଇଁ ଏହାକୁ ଗୁରୁତ୍ୱ ଦେଉଛନ୍ତି ?***

ଉଃ- ମୁଁ ଜଣେ ବିଜ୍ଞାନ ଶିକ୍ଷକ । ରାସାୟନିକ ସାର ଓ ବିଷର ଫସଲ ପ୍ରତି କୁପ୍ରଭାବ ମୁଁ ଭଲଭାବେ ଜାଣିଛି । ସେଥିପାଇଁ ମୁଁ ଜୈବିକ ଚାଷକୁ ଆପଣେଇଲି । ଗୋବରଖତ, ଜିଆଖତ, ପଚା ପନିପରିବା ଚୋପା, କୁଟା ଗୁଡ଼ିକୁ ମୁଁ ଗଛ ମୂଳରେ ଦେଇଥାଏ । ଏହା ସହ ନିମ୍ବପତ୍ର, ରସୁଣ, କିରୋସିନ, ସାବୁନ ଗୁଣ୍ଡ ମିଶ୍ରଣକୁ ସ୍ପ୍ରେ କରି ବିଭିନ୍ନ କୀଟମାନଙ୍କ ଠାରୁ ରକ୍ଷାକରେ । ଅମୃତପାଣି, ପ□ଗବ୍ୟକୁ ମଧ୍ୟ ଆଗକୁ ମୁଁ ଜମିରେ ବ୍ୟବହାର କରିବାର ଯୋଜନା ରଖିଛି ।

***ପ୍ରଃ- କୃଷି ପ୍ରତି ଆଜିର ଯୁବସମାଜ ବିମୁଖ, କିନ୍ତୁ ଆପଣ ପରିଣତ ବୟସରେ କୃଷିକୁ ନିଜ ନିଶା କରିଛନ୍ତି । ତେବେ ଆଜିର ଏହି ବିମୁଖୀ ଯୁବସମାଜକୁ ଆପଣଙ୍କ ପ୍ରତିକ୍ରିୟା କ'ଣ ?***

ଉଃ- ମୁଁ ଏତିକି କହିବି ଯେ, ଯେଉଁ ଯୁବକ ଯୁବତୀମାନେ ବେକାର ହୋଇ ବାହାରେ ବୁଲୁଛନ୍ତି, ଯଦି ସେମାନଙ୍କ ପାଖେ ଜମି ଅଛି, କ୍ଷେତ ଅଛି ତେବେ ସେମାନେ କୃଷିକାର୍ଯ୍ୟ କରିବା ଦରକାର । ଚାକିରୀ ପଛରେ ନ ଧାଇଁ ଚାଷ କ୍ଷେତରେ ୨/୩ ଗୁଣା ଲାଭ ହୋଇ ପାରିବ । କେବଳ ଏଥିପାଇଁ ଉପଯୁକ୍ତ ପଦ୍ଧତି ଆବଶ୍ୟକ । ଜିଲ୍ଲାର କୃଷି ସଂପ୍ରସାରଣ ଅଧିକାରୀ, କୃଷିପତ୍ରିକା 'ଶ୍ୟାମଳ ସୁବର୍ଣ୍ଣ'ର ବଳିଷ୍ଠ ଲେଖକମାନଙ୍କର କୃଷିଭି□କ ଲେଖାକୁ ଆଧାର କରି ଉନ୍ନତ କୃଷି କରାଯାଇ ପାରିବ ।

***ପ୍ରଃ- 'ଶ୍ୟାମଳ ସୁବର୍ଣ୍ଣ' ତା'ର ଏକାଦଶ ସଂଖ୍ୟା ପ୍ରକାଶ କରୁଛି । ଆପଣଙ୍କ ମତାମତ କ'ଣ ରହିବ ?***



ଉଃ- ପ୍ରଥମତଃ ମୁଁ କହିବି ଯେ ଶ୍ୟାମଳ ସୁବର୍ଣ୍ଣ ହିଁ ମୋ ନିଶାର ଏନ୍ତୁଡ଼ିଶାଳ । ଏପ୍ରିଲ ମାସ ଉନ୍ମୋଚନ ଅବସରରେ ମୁଁ ମଧ୍ୟ ଉପସ୍ଥିତ ଥିଲି ଓ ପତ୍ରିକା ପାଇ ଲେଖା ଗୁଡ଼ିକ ପଢ଼ିଥିଲି । ବାସ୍ତବରେ ଉପାଦେୟ ଲେଖାମାନରେ ସମୃଦ୍ଧ ଏହି ପତ୍ରିକା । ଏହା ମୋତେ ଖୁବ୍ ମାତ୍ରାରେ ପ୍ରଭାବିତ କରିଥିଲା । ଏହା ସହ ଏହାର ସମ୍ପାଦକଙ୍କ ସହ ମୁଁ ଯୋଗାଯୋଗ କରି ମୋ ଚାଷଜମିରେ ବିଭିନ୍ନ ସମସ୍ୟାର ସମାଧାନ କରିଛି । ଏହି ସଂଖ୍ୟାରେ ବାହାରୁ ଥିବା ନୂତନ ପୃଷ୍ଠା 'ଆପଣଙ୍କ ସମସ୍ୟା ଆମ ସମାଧାନ' ନିହାତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ମୋ ନିଜ ଅ□ଳରୁ ବାହାରୁ ଥିବାରୁ ଆଉ ଏହାର ସମ୍ପାଦକ ଆମ ଅତିପ୍ରିୟ ଶୁଭମ ସୁନ୍ଦର ଭାବେ ପତ୍ରିକା ସଂଯୋଜନା କରୁଥିବାରୁ ମୁଁ ସାଧୁବାଦ ଜଣାଉଛି ଓ ପତ୍ରିକାର ଉ□ରୋ□ର ଉନ୍ନତି କାମନା କରୁଛି ।

**ଜୟ ଜଗନ୍ନାଥ.....**

# ସ୍ୱାବଲମ୍ବୀ ହେବାର ମାଧ୍ୟମ ଜିଆଖତ ଉତ୍ପାଦନ

ସାମ୍ପ୍ରତିକ ସମୟରେ ରାସାୟନିକ ସାରର ବହୁଳ ତଥା ଅସନ୍ତୁଳିତ ବ୍ୟବହାର ଯୋଗୁଁ ମାଟିର ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଛି ଓ ଉତ୍ପାଦିକତା ଶକ୍ତି କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରି ଉତ୍ପାଦନ ହୋଇଥିବା ଖାଦ୍ୟକୁ ଖାଇ ଆମ୍ଭେମାନେ ବିଭିନ୍ନ ପ୍ରକାରର ରୋଗର ସମ୍ମୁଖୀନ ହେଉଛୁ । ଏହା ସହିତ ମାଟିରେ ଥିବା ଉପକାରୀ ଅଣୁଜୀବ ତଥା ଜିଆମାନଙ୍କର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ।



ବର୍ତ୍ତମାନର ପରିସ୍ଥିତିରେ ମଣିଷର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଜୈବିକ କୃଷିର ଗୁରୁତ୍ୱ ଧୀରେ ଧୀରେ ବୃଦ୍ଧି ପାଉଛି । ରାସାୟନିକ ସାର ଓ ଔଷଧ ବ୍ୟବହାର ନ କରି, ଜୈବିକ ପଦ୍ଧତିରେ ଚାଷ କଲେ ମଣିଷ ସୁଷମା ଖାଦ୍ୟସାର ପାଇବା ସହ ରୋଗମୁକ୍ତ ହୋଇପାରିବ ଏବଂ ମୃତ୍ତିକାର ଗୁଣବତ୍ତା ମଧ୍ୟ ବଜାୟ ରହିବ ।

ଜିଆଖତ ହେଉଛି ଜୈବିକ କୃଷି ପ୍ରଣାଳୀର ଏକ ମୁଖ୍ୟ ଅଂଶ । ଏହାକୁ ବ୍ୟବହାର କରି ରାସାୟନିକ ସାର ପ୍ରୟୋଗକୁ ବହୁମାତ୍ରାରେ କମାଯାଇପାରିବ ଓ ଅଧିକ ଅମଳ ସହ ସୁସ୍ଥ ଫସଲ ଉତ୍ପାଦନ କରାଯାଇପାରିବ । ଜିଆଖତ ଉତ୍ପାଦନ କରି ଚାଷୀମାନଙ୍କୁ ବିକ୍ରି କରି ଜଣେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବ ଓ ଅଧିକ ଅମଳ ସହ ସୁସ୍ଥ ଫସଲ ଉତ୍ପାଦନ କରାଯାଇପାରିବ । ଜିଆଖତ ଉତ୍ପାଦନ କରି ଚାଷୀମାନଙ୍କୁ ବିକ୍ରି କରି ଜଣେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବ ।

**ଜିଆଖତର ଚାହିଦା:**

ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାରେ ଜିଆଖତର ଚାହିଦା ବହୁତ ରହିଥିବାବେଳେ ସେହି ଅନୁପାତରେ ଉନ୍ନତମାନର ଜିଆଖତ ଉତ୍ପାଦନ ହୋଇପାରୁନାହିଁ । ଏଥିପାଇଁ ଜଣେ ଏହି ଜିଆଖତକୁ ବ୍ୟବସାୟକ ଭିତ୍ତିରେ ଉତ୍ପାଦନ କରି ଆବଶ୍ୟକୀୟ ବଜାର ଚାହିଦାକୁ ପୂରଣ କରିପାରିବ । ଜିଆଖତ ରାସାୟନିକ ସାରର ବିକଳ୍ପ ହୋଇଥିବାରୁ, ବିଭିନ୍ନ ଫସଲ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଉଅଛି ଯଦ୍ୱାରା ଭବିଷ୍ୟତରେ ଏହାର ଚାହିଦା ବହୁତ ବଢ଼ିଯିବ ।

**ଜିଆଖତ କେଉଁମାନେ ବ୍ୟବହାର କରିପାରିବେ:**

(୧) ପାନ ଚାଷୀ:- ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୨୫୦୦ଏକର ଜମିରେ ପାନ ଚାଷ କରାଯାଇଥାଏ । ଜିଆଖତ ବ୍ୟବହାର କଲେ ପାନର ଅମଳ ତଥା ଗୁଣାତ୍ମକ ମନ ବୃଦ୍ଧି ହେବ ସହ ରାସାୟନିକ ସାର ଓ କୁକୁଡ଼ା ମଳ ବ୍ୟବହାରଜନିତ ସମସ୍ୟାରୁ ରକ୍ଷା ମିଳିପାରିବ । ଏଥିସହିତ ଜିଆଖତ ପ୍ରୟୋଗ ହୋଇଥିବା ପାନ ଶୀଘ୍ର ନଷ୍ଟ ହୁଏ ନାହିଁ ।

(୨) ଚାରା ଉତ୍ପାଦନକାରୀ:- ଜିଆଖତର ବ୍ୟବହାରଦ୍ୱାରା ମଞ୍ଜି ଭଲ ଗଜା ହେବ ସହ ଚାରା ହୃଷ୍ଟପୁଷ୍ଟ ହୁଏ ଓ ରୋଗପୋକ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ସାଧାରଣ ଗୋବର ଖତ ବ୍ୟବହାର ଲବକ୍ଷର ତଳିରେ ଶଢା ରୋଗ ଦେଖାଯାଏ । ସେଥିପାଇଁ ଆମ ଜିଲ୍ଲାରେ ଥିବା ପନିପରିବା, ଫଳ, ଫୁଲ ଓ ଔଷଧୀୟ ଚାରା ପ୍ରସ୍ତୁତିରେ ଏହାର ବହୁଳ ଆବଶ୍ୟକତା ରହିଛି ।

(୩) ପନିପରିବା ଚାଷୀ:- ଜିଆଖତରେ ବିଭିନ୍ନ ଖାଦ୍ୟସାର, ହର୍ମକନ, ଭିଟାମିନ ରହିଥିବାରୁ ପନିପରିବା

ଅମଳ ଓ ଗୁଣାତ୍ମକ ମାନ ବଢିଥାଏ। ଫଳ ଅଧିକ ସ୍ୱାଦିଷ୍ଟ ହେବ ସହ ଏହାର ସଂରକ୍ଷଣ ଅବଧି ମଧ୍ୟ ବଢିଥାଏ। ତେଣୁ ପନିପରିବା ଚାଷରେ ଏହାକୁ ବହୁଳ ଭାବେ ଉପଯୋଗ କରାଯାଇପାରିବ।

(୪) ସହରାଂଚଳ ଚାଷୀ: ସହରାଂଚଳରେ ସୀମିତ ଜାଗା ଥିବାରୁ ଲୋକମାନେ ଛାତ ଉପରେ ଓ କୁଣ୍ଡରେ ବିଭିନ୍ନ ପ୍ରକାର ପନିପରିବା ତଥା ଫୁଲ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।ଏହାଛଡା ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବାରୁ ସେମାନେ ଜୈବିକ ଉପାୟରେ ଚାଷ କରିବାକୁ ଆଗ୍ରହୀ। ଏଥିପାଇଁ ମଧ୍ୟ ଜିଆଖତକୁ ବ୍ୟବହାର କରାଯାଇପାରିବ।

(୫) ଜୈବିକ କୃଷି କରୁଥିବା ଚାଷୀ:- ଆଜିକାଲି ଚାଷୀମାନେ ବିଶେଷ କରି ବାସ୍ନାଧାନ, ପ୍ରୋଟିନଯୁକ୍ତ ଧାନକୁ ଜୈବିକ ପ୍ରକ୍ରିୟାରେ ଚାଷ କରୁଛନ୍ତି ଓ ସେଥିରେ ମଧ୍ୟ ଜିଆଖତକୁ ଉପଯୋଗ କରାଯାଇପାରିବା।



## ଜିଆଖତ ଉତ୍ପାଦନର ଲାଭ:

ସାଧାରଣ ଭାବେ ୧ ଘନମିଟର ଟାଂକୀରୁ ଅଢ଼େଇରୁ ଦୁଇ ମାସ ମଧ୍ୟରେ ୧.୫କୁଇଣ୍ଟାଲ (୧୫୦କେଜି) ଜିଆଖତ ଉତ୍ପାଦନ କରାଯାଇପାରିବ। ୧କେଜି ଜିଆଖତ ଉତ୍ପାଦନ ପାଇଁ ସାଧାରଣତଃ ୨ଟଂକା ଖର୍ଚ୍ଚ ହୋଇଥାଏ ଓ କେଜି ପ୍ରତି ୧୦-୧୫ଟଂକା ହିସାବରେ ବିକ୍ରି କରାଯାଇଥାଏ। ଏକ କେଜି ଜିଆକୁ ହାରାହାରି ୫୦୦ଟଂକା ମୂଲ୍ୟରେ ବିକ୍ରୟ କରିପାରିବେ।

ଛତୁଚାଷୀମାନେ ଛତୁ ଉତ୍ପାଦନ ପରେ ରହିଯାଉଥିବା ନଡାକୁ ଉପଯୋଗ କରି ସହଜରେ ଜିଆଖତ ଉତ୍ପାଦନ କରିପାରିବେ।

## ଜିଆଖତ ଚାଷ ପାଇଁ ସରକାରୀ ସହାୟତା

ଜାତୀୟ ଉଦ୍ୟାନ କୃଷି ଯୋଜନା ଅଧୀନରେ ୩୦ଫୁଟ, ୮ଫୁଟ, ୨.୫ଫୁଟ ବିଶିଷ୍ଟ ୧ଲକ୍ଷ ଟଂକାର ୟୁନିଟ ପାଇଁ ୫୦% ସବସିଡିର ବ୍ୟବସ୍ଥା ରହିଛି । ଇଚ୍ଛୁକ ଚାଷୀମାନେ ନିଜ ବ୍ଲକର ଉଦ୍ୟାନ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ।

ଚାଷୀମାନେ ନିଜ ବ୍ଲକର ଉଦ୍ୟାନ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ।

## ସଫଳ ଜିଆଖତ ଚାଷୀ :-

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଖାଲମୁହାଣି ଗ୍ରାମର ଶ୍ରୀଯୁକ୍ତ ଶତ୍ରୁଘ୍ନ ନନ୍ଦୀ ଜଣେ ସଫଳ ଜିଆଖତ ଚାଷୀ । କୃଷି ବିଜ୍ଞାନ କେନ୍ଦ୍ର, ବାଲେଶ୍ୱରରୁ ଜିଆଖତ ଚାଷ ସମ୍ବନ୍ଧୀୟ ତାଲିମ ଗ୍ରହଣ କରି, ୨୦୧୮ ମସିହାରୁ ଜିଆଖତ ଉତ୍ପାଦନ କରିଆସୁଛନ୍ତି। ସେ ପାଞ୍ଚଟି ଟାଂକି (୨ମିଟରଝ୧ମିଟରଝ୧ମିଟର)ରୁ ବର୍ଷକୁ ୪୧କୁଇଁଟାଲ ଜିଆଖତ ବିକ୍ରି କରି ପ୍ରାୟ ୪୧୦୦୦ ଟଂକା ନିଟ ଲାଭ କରିଛନ୍ତି । ଏହାସହ ବର୍ଷକୁ ୧୦କେଜି ଜିଆ ବିକ୍ରୟ କରି ୫୦୦୦ ଟଂକା ଲାଭ କରିଛନ୍ତି। ଏଥିସହିତ ପନିପରିବା ଚାଷରେ ଜିଆଖତ ପ୍ରୟୋଗ କରି ଅଧିକ ଅମଳ ପାଇପାରୁଛନ୍ତି । ଜିଆଖତ ଚାଷ କରି ସେ ଆର୍ଥିକଭାବେ ସ୍ୱାବଲମ୍ବୀ ହେବ ସହ ନିଜ ଅଂଚଳରେ ଅନ୍ୟମାନଂକ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ନୀରଜ କୁମାର ଜେନା
କାର୍ଯ୍ୟକ୍ରମ ସହାୟକ (ବିହନ ବିଜ୍ଞାନ)
ମନୋଜ କୁମାର ଜେନା,
ବୈଜ୍ଞାନିକ (ମୃ□କା ବିଜ୍ଞାନ)
କୃଷି ବିଜ୍ଞାନ କେନ୍ଦ୍ର, ବାଲେଶ୍ୱର
ଓୟୁଏଟି, ଭୁବନେଶ୍ୱର



# AN AGRICULTURAL PARADOX

The importance and contribution of agriculture to our sustenance is something that everyone knows but very few want to acknowledge. There is a saying "If agriculture goes wrong nothing can go right in the country" and this saying has proved itself right over and over again. Ability to grow crops by the prehistoric man was the crucial step towards domestication. Growing your own food can be termed as the highest level of independency one can garner. Civilisations and dynasties are made or our food source. The human population can live without luxury but survival without food is impossible. This makes farming not only an activity but also a responsibility. But in our search for wealth and power we forgot the core of our survival and the farmer who provided us with our life source was left destitute. The pages of world history are filled with the pain and the torture that the farming community had to face in the period of war and industrialisation. Though their contribution remained the highest but they were taken for granted.

Taking into consideration our Indian society, agriculture has been imbedded in our culture and golden history. Our lands were always rich and our farmers always dedicated to it. It was our exotic crops and sustainable growth that attracted numerous invasions. The British derived a numerous revenue by trading our indigo and cotton with the world market. Slowly the farming community started to be exploited and with it the morale of the country decreased. After independence food scarcity became a major issues. A country's population can never achieve real freedom if they have to depend on others for food. This lead to the green revolution in the 1970s. But by then Indian society was already in the grasps in the hunger of wealth and power. The green revolution could only be successful due to the backbreaking hard work of our farmers. Though India became self sufficient in food but people's interest in agriculture had hit rock bottom. They no longer considered agriculture as a profession and the youth wanted to move to urban areas to take part in industrialisation which brought about a major shift in our economy but the government understanding the importance of agriculture wanted the youth of the country to be more aware and involved in it.

This lead to the establishment of ICAR and State Agriculture Universities to promote agriculture education and produce agriculture graduates who will be the forerunners for agriculture research, development and farmer welfare. As of December 2019 there are 4 deemed universities and 64 state agricultural universities India. The history of agriculture education in India can be traced back to the medieval period when study of agriculture was included in the curricula of Nalanda and Takshila universities as an important subject which shows the importance ancient civilisations gave to farming practices. As the agriculture system is too vast it led to the opening of various sectors involved with research, inputs like seed, fertiliser, pesticides etc, along with storage, transportation, processing and marketing. Prestigious well paying government jobs both in the field of research and development are provided. Agriculture became the trending subject of discussion and government increased the allocation of budget to agriculture sector every year. A lot of subsidy schemes were setup to help farmers decrease their dependency on money lenders and also to increase interest in farming. Funding for innovators and awards have been established for garnering more genuine response in this field.

Yes, the government has failed to streamline agriculture education in such a way that it will be more interesting and practical for the young generation, but as a society we have let down our culture by not providing our progenies a progressive outlook towards farming. Family is the first and foremost teacher of every child from where they pick up all the life lessons required and that is where we failed. We failed to show them the importance of food that they receive everyday and the amount of work put into it. By running after wealth, power, luxury we forgot to teach them how to be empathetic to the farming community who are selflessly working day in and day out. So, in order to bring about a revolution in the field of farming and sustainability we have to sensitize our present and future generation of its demanding importance and the amount of respect the farming community deserves. Government should start joining agro based industries with the agriculture education and give more funding towards demand based research. Profitability of the farmers should be increased by making them more active in marketing and decreasing the involvement of middlemen. Only our genuine care, understanding and effort combined with that of the government can help farmers and farming to reach the

zenith- the position they deserve. So, in order to bring about a revolution in the field of farming and sustainability we have to sensitize our present and future generation of its demanding importance and the amount of respect the farming community deserves. Profitability of the farmers should be increased by making them more active in marketing and decreasing the involvement of middlemen. Only our genuine care, understanding and effort combined with that of the government can help farmers and farming to reach the zenith- the position they deserve.

**Pragnya Paramita**

## ଶୁଭେଚ୍ଛା ବାର୍ତ୍ତା



କୃଷି ଆମ ସଂସ୍କୃତିର ପ୍ରମୁଖ ପରିମାପକ। କୃଷି ବିନା ଜନବସତି ହେଉ କିମ୍ବା ଜୀବନଧାରଣ ଅସମ୍ଭବ। କୃଷିକୁ ଆମଦେଶ ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚନା କରାଯାଏ। ତେବେ କୃଷିର ବିକାଶକୁ ଆଭିମୁଖ୍ୟ ନେଇ ଯୁବ କୃଷି ବିଜ୍ଞାନୀ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ପ୍ରକାଶିତ ଏହି କୃଷି ଭି□କ ତ୍ରୈମାସିକ ପତ୍ରିକା ନିହାତି ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କୃଷିର ଉନ୍ନତି ହେଲେ ହେଁ ଏ ଦେଶର ଅଭିବୃଦ୍ଧି ହେବ। ବିଗତ ଦୁଇ ବର୍ଷ ଧରି ପ୍ରକାଶିତ ହେଉଥିବା ଏ ପତ୍ରିକା କୃଷି ସମ୍ବନ୍ଧୀୟ ଉପାଦେୟ ତଥ୍ୟାବଳୀ ପ୍ରକାଶିତ କରି ଚାଷୀ ମାନଙ୍କ ପାଖରେ ଆଦୃତ ହୋଇପାରୁଛି।

ଶ୍ୟାମଳ ସୁବର୍ଣ୍ଣର ପୂଜା ସଂଖ୍ୟା ପାଇଁ ମୋ ତରଫରୁ ଅନେକ ଶୁଭେଚ୍ଛା। ପତ୍ରିକାର ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀକୁ ଅପ୍ରମିତ ଅଭିନନ୍ଦନ। ଏହା ଚାଷୀ ମାନଙ୍କ କଲ୍ୟାଣ ଦିଗରେ କାର୍ଯ୍ୟକରୁ , ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଏତିକି କାମନା।

**ଡ଼ି .ଭେଙ୍କଟ ରାଓ**
**(କଣ୍ଡା ବାବୁ)**
**ବାଲାଜୀ ଷ୍ଟୋନ କ୍ରସର ,**
**ଗନ୍ଧିପାଲ୍ଲି , ମାଲକାନାଗିରି**

# FERTILIZERS USED IN INDIA FOR FARMING



Dr. Rahul Adhikary

Fertilizer is known as any material of natural or synthetic origin which is applied to the soil or the tissues of the plants to deliver the essential nutrients which had been lost due to harvesting or soil erosion. There are many types of fertilizer which are used to enrich the soil with the essential nutrients.

They are broadly classified into two parts-

Organic manure

Inorganic fertilizer

## Organic manure

Organic manureare natural fertilizers that do not use any acid formulation. Organic fertilizer includes like cow manure, bone meal, organic compost, guano as well as green manure crops also. Organic soil enrich the soil with essential nutrients without the loss of the groundwater, but this type of fertilizer takes a long time due to which the productivity of the crops gets affected.

## Inorganic fertilizer

Inorganic fertilizers are the chemical fertilizer as they are derived from chemical compounds, minerals or synthetic. They come in the form of powder, pellets, granules or liquid. Most of them are rated based upon the percentage of nitrogen, potassium and phosphorous. Others are included as calcium, sulphur, zinc, iron or magnesium. There are many types of different inorganic fertilizers that are-

Nitrogen Based fertilizer

Potassium Based fertilizer

Phosphorous Based fertilizer

Solid fertilizer

Liquid fertilizer

## Nitrogen Based fertilizer

Nitrogen is mainly used for protein formulation process in plants. The overall growth and development of plant depends on Nitrogen based fertilizer. Like – Urea, Ammonium sulphate, Calcium ammonium nitrate,

## Potassium Based fertilizer

The potassium-based fertilizer is used for fruit leaves, potatoes, and chillies. It is very suitable for the land which is deficient in potassium. The potash and sulphate potash will easily be dissolved into the soil. Like- Muriate of Potash (MOP).

**Phosphorus Based fertilizer**

Phosphorous is generally used for development as well as to increase the rate of growth of the root and flower of the plants. The common source of phosphorous in the garden of your home is the steamed bone meal. It is very useful fertilizer for the development of the plants and makes your garden more beautiful and attractive. Like- Single super Phosphate (SSP)

**Solid fertilizer**

Solid fertilizer is a fertilizer which is in the solid form only. Solid fertilizer is used in the dry form and must be watered in. It is widely used for farming.

**Liquid fertilizer**

Liquid fertilizer is the fertilizer which is in the Liquid form. The liquid fertilizer is the fast acting fertilizer and it saves both time and money of the farmers. e.g. Anhydrous Ammonia.

***Assistant Professor , Dept. of Soil Science,***
***MSSSoA, CUTM***



# BENEFITS OF SNAKE GOURD

Shamala Subarna Beauro


Since ancient times snake gourd plant has been well-regarded for its significant medicinal value in Ayurvedic texts. It belongs to the cucumber and squash family and the plant is a vine naturally growing in the wilderness in South-East Asian countries such as India, Sri Lanka, China, Nepal and Indonesia, as well as in the warmer southern regions in Australia. The immature fruit is green and elongated and derives its name of snake gourd, due to its characteristic coiled appearance with light white stripes. It has soft, fleshy texture and bland flavour, while the mature fruit is longer, red in colour and inedible, due to its bitter taste. It is commonly considered a



vegetable, which is mostly made into curry in India.to its characteristic coiled appearance with light white stripes. It has soft, fleshy texture and bland flavour, while the mature fruit is longer, red in colour and inedible, due to its bitter taste. It is commonly considered a vegetable, which is mostly made into curry in India. This green vegetable has a lot of nutrients and is easily digestible. According to USDA, for a 100 g serving of snake gourd we get around 86.2 kcal of calories, 3.9 g fat, 12.5 g of carbohydrate, 0.6 g of dietary fiber, 2.0 g of protein 0.0 mg of cholesterol, 359.1 mg of

Potassium, 5.1 % Calcium, 6.7 % Magnesium, 5.0 % Phosphorus , 7.2 % Zinc 5.7 % Iron.

Calcium, 6.7 % Magnesium, 5.0 % Phosphorus , 7.2 % Zinc 5.7 % Iron. It also hosts important phenolics and cucurbitacins. Being high on water content, it provides a cooling effect to the body and zero cholesterol is highly beneficial for heart health. It is a powerhouse of vitamin C and a host of flavonoids and carotenes which serve as an agent to boost our immune system. Owing to its antioxidant and anti-inflammatory qualities, it is seen to provide relief against also provides valuable curative properties for conditions such as fever and jaundice. In addition, the juice of snake gourd also helps in reducing hair and scalp ailments like dandruff and bald patches (alopecia).



Residue derived from snake gourd has astringent property which helps in decreasing skin inflammation caused due to allergies, fungal infections and environmental pollutants.

The seeds present within the immature snake gourd also possess a lot of nutritional components, including minerals like calcium, zinc, iron, magnesium, potassium, besides antioxidant, antimicrobial and hypo-glycemic properties.

All these highly beneficial properties are making snake gourd a popular vegetable within the masses. The crop is, in fact, being propagated all over the world in tropical environments, so that people can procure its marvellous merits, for complete wellness.

# Fish Farmer: Our Food Warriors

10th July, 1957 is a red letter day for Indian fish farmers.

"National Fish Farmers" Day is celebrated on 10th July every year to commemorate the epoch-making innovation in the field of induced breeding of Indian major carps (IMC) by the renowned scientists Dr. K. H. Alikunhi and Dr. H.L Chaudhury on this day in 1957 which eventually changed the face of Indian aquaculture leading to the beginning of the "Blue Revolution" in India. The Government of India in 2001 declared 10th July as "National Fish Farmers' Day". Induced breeding paved the way for large scale availability of desired species in desired size and quantity. Prior to this, fish farmers used to stock fish seeds collected from rivers, which was a mixture of different species



including some unwanted ones, which resulted in poor fish yield.

This pioneering work over years has led to aqua-explosion in the country principally through quality major carp seed production and supplies to fish farmers for culture from hundreds of hatcheries that sprang in the country based on induced breeding technology. At present, India is the second largest aquaculture producer of the world just next to China. Besides providing livelihood security to cover 14 million people, the sector has been one of the major foreign exchange earners. So on the occasion of National Fish Farmers' day it is our duty to praise the fish farmers who are behind this immense success of fish-cum-seed production in fisheries sector in India leading to a successful "Blue Revolution" in our country.

**Biswajit Mohanty ,**
**Assistant Prof(Fishery Science)**
**MSSSOA , CUTM ,**
**Parlakhemundi**



# Farm bill- A Ray of Hope

**1:**-It's been 74 years since independence, agriculture was in the State's list and suddenly in 2020 central government brought a revolutionary legislation through farm bill 2020, which in turn triggered natiom wide protests. But farm bill doesn't deserve the protests becauseWhen we consider agriculture as a venture, in the supply chain, most of the profit goes to the middle man. And this new farm bill gives provision to trade agricultural produce outside the boundaries of mandis. Hence the small farmers will get more options for trading.

**2.** It will promote inter-state and intrastate trade which will be helpful to the farmers in the border areas of state mainly. They can sell their products in the mandis which are nearer to them irrespective of state.

**3.** These new bills are a facilitator of private investment in agriculture sector. Though many people protest it, history of private partnership in electricity, operation flood and others had shown tremendous success (we are getting a good voltage with continuous electricity in the rural area which was a dream 10 years back). Hence we can expect a good investment in warehousing, grading, processing and marketing structure which will in turn benefits the farmers.

**4.** The farmers agreement on price assurance and farm services ordinance brings a healthy environment for contract farming where price agreement is to be fixed before sowing and the risk is transferred from farmers to the buyer. If well decided, it will facilitate income surge in agriculture sector. But for getting profit from this ordinance, farmers must be well educated and organised into FPOs so that they can start a venture with private investment.

**5**. The essential commodities bill, allows for regulating the stock and supply limit of some agricultural produces so that price stabilization can be done in emergency conditions.

No doubt, Indian agricultural system needed a new policy to cope up with the new era of capitalism and free trade. But the way these bills were passed in the parliament hastily, it rose mistrust among the farmers and the we can see how the farmers came to road because of their misunderstanding regarding MSP( minimum support price). So I think proper consultation with farmer groups, state government, corporate sectors was much needed before this legislation. It wouldn't have created such havoc in the country.

The success of these bills lie on the marketing infrastructure and government should pay attention to those now. Apart from this, farmers must be given training to manage the agreement ,marketing and legal issues so that they can welcome the corporate investment with proper knowledge or else this revolutionary step will go invain.

**Richa Mishra**
**MSc ag. Extension education**
**OUAT**




Near SBI, Basudevpur, Bhadrak - 756125
Mob: 9438467079, E-mail: dshuvam97@gmail.com